## ସଂକ୍ଷେପରେ

### ବନ ବିଭାଗ, ସହଯୋଗ ଟିମ୍ ପକ୍ଷରୁ ବୃକ୍ଷରୋପଣ

କୋରୁକୋଣ୍ଡା,୩।୭ (ଡି.ଏନ. ଏ.)-ବନ ବିଭାଗ,ସହଯୋଗ ଟିମ୍ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ବାଲିମେଳା ଏନଏସି ଅଞ୍ଚଳରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବନପାଳ ମୋହନ ଗୁଡ଼ିଆ, ବନରକ୍ଷୀ ପ୍ରଶାନ୍ତ ରାଉତ, ସଂଗ୍ରାମ ବରାଳ, ସହଯୋଗ ଟିମର ସଦସ୍ୟା ସୁଧାସିନୀ ମହାରଣା, ସୁନିତା ଗୁରୁ, ଦୀପକ ଦାସ, ଟୁକୁଲୁ ପ୍ରଧାନ, ଶିଶିର ଖୋସଲା, ଭଗବାନ ହିଆଲ ଏଡବ୍ଲ୍ୟୁଡବ୍ଲ୍ୟୁ ଲିଲି ହାଲଦାରଙ୍କ ସହ ବନ କର୍ମଚାରୀମାନେ ଉପସ୍ଥିତ ଥିଲେ। ମାନବ ସମାଜ ପରିବେଶ ସୁରକ୍ଷା ପ୍ରତି ଏବେଠାରୁ ଯତ୍ନ ନ ନେଲେ ଦିନେ ପରିବେଶ ସନ୍ତୁଳନ ହରାଇ ସମାଜର କ୍ଷତି ଘଟାଇବ ବୋଲି ଉପସ୍ଥିତ କର୍ମଚାରୀମାନେ ମତ ଦେଇଥିଲେ। ଏହି ଅବସରରେ ୧୧ ନମ୍ବର ୱାର୍ଡର ପ୍ରଥମ ଅଙ୍ଗନୱାଡ଼ି କେନ୍ଦ୍ର ପରିସରରେ ବୃକ୍ଷରୋପଣ କରାଯାଇଥିଲା। ସୂଚନାଯୋଗ, ଆଗାମୀ ଦିନରେ ଯେକୌଣସି ସ୍ଥାନରେ ବୃକ୍ଷକାଟ୍ କରାଗଲେ ସହଯୋଗ ଟିମ୍ ଏହାର ପ୍ରତିବାଦ କରିବାକୁ କର୍ମକର୍ତ୍ତାମାନେ ନିଷ୍ପତି ନେଇଛନ୍ତି।

### ବାସୁଦେବ ପାଟିକୋଟା ସମବାୟ ସମିତିର ସଭାପତି

ପାରଳାଖେମୁଣ୍ଡି,୩।୭(ଡି.ଏନ୍.ଏ.): ଗୋଷାଣୀ ବ୍ଲକରବ୍ଲକର ପାଟିକୋଟା ସମବାୟ ସମିତିର ସଭାପତି ପଦବୀ ପାଇଁ ରବିବାର ନିର୍ବାଚନ ହୋଇଛି। ୧୫ ଜଣ ସଦସ୍ୟ ବିଶିଷ୍ଟ ସମିତି ମଧ୍ୟରେ ୮ ଭୋଟ ପାଇ ଭି. ବାସୁଦେବ ରାଓ ସଭାପତି ଭାବେ ବିଜୟୀ ହୋଇଥିବା ବେଳେ ମାତ୍ର ୬ ଭୋଟ ପାଇ ପରାଜିତ ହୋଇଛନ୍ତି ଏସ୍. ଲିଙ୍ଗରାଜୁ । ଗୋଟିଏ ଭୋଟ ରଦ୍ଦ ହୋଇଥିବା ଜଣାପଡିଛି। ଗୋଷାଣୀ ବ୍ଲକର ପାଟିକୋଟା ଗ୍ରାମର ଏହି ସମବାୟ ସମିତି ଅନ୍ୟ ସମବାୟ ସମିତି ତୁଳନାରେ ଅଧିକ ଗୁରୁତ୍ୱପୂର୍ଣ୍ଣ ରହିଛି। ଏହା ଅଧୀନରେ ବହୁ ପରିମାଣରେ ଚାଷୀ ଓ ଚାଷଜମି ରହିଥିବା ବେଳେ ଏହି ସମବାୟ ସମିତି ଉପରେ ବହୁ ଚାଷୀ ନିର୍ଭରଶୀଳ। ବିଡ଼ମ୍ବନାର ବିଷୟ ହେଉଛି ଏଠିକାର ସଭାପତି ପଦବୀ ପାଇଁ ବିଜେଡିର ଜିଲା ଯୁବ ସଭାପତି ଏସ୍.ଲିଙ୍ଗରାଜୁ ନିଜେ ନାମାଙ୍କନ ପତ୍ର ଦାଖଲ କରି ପ୍ରତିଦ୍ୱନ୍ଦ୍ୱିତା କରିଥିଲେ, କିନ୍ତୁ ନିଜ ଗାଁ ସମବାୟ ସମିତିରେ ମାତ୍ର ୧୫ ଜଣକ ମଧ୍ୟରେ ହେଉଥିବା ପ୍ରତିଦ୍ୱନ୍ଦ୍ୱିତାରେ ସେ ପରାଜୟ ହୋଇଛନ୍ତି।

### ଜବରଦଖଲ ଉଚ୍ଛେଦ ଘଟଣାକୁ ନେଇ ରାଜନୀତି ସରଗରମ

ଗଞ୍ଜାମ,୩।୭(ଡି.ଏନ.ଏ.): ଗଞ୍ଜାମ ସହରରେ ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରହି ଆସିଥିବା ପୂଜକ କନ୍ଧ ଶତପଥୀଙ୍କ ବାରିପଟ ଘର ସରକାରୀ ଜାଗାରେ ଥିବା ଦର୍ଶାଇ ତହସିଲ ପ୍ରଶାସନ ଉଚ୍ଛେଦ କରିବାକୁ ଚେଷ୍ଟା କରୁଥିବା ବେଳେ ତାଙ୍କ ପରିବାର ଓ ସ୍ଥାନୀୟ ଅଞ୍ଚଳବାସୀଙ୍କ ବିରୋଧ ପରେ ଏହା ସ୍ଥଗିତ ରହିଛି। ଆସନ୍ତା ୫ରେ ଉଚ୍ଛେଦ ଲାଗି ତହସିଲ ପକ୍ଷରୁ ପୁଣି ନୋଟିସ ଜାରି ହୋଇଛି। ବର୍ତ୍ତମାନ ଉକ୍ତ ଘର ଉଚ୍ଛେଦ ଘଟଣାକୁ ସ ନେଇ ସହରରେ ରାଜନୀତି ସରଗରମ ଥିବା ଜଣାପଡିଛି। ପୂଜକଙ୍କୁ ସହଯୋଗ କରୁଥିବା ଆଳରେ କେତେଜଣ କୁଚକ୍ରୀ ଗୋଷ୍ଠୀ ଏହାକୁ ନେଇ ରାଜନୀତି କରୁଥିବା ଜଣାପଡିଛି। ଏହି ଘଟଣାକୁ ରାଜନୀତୀକରଣ ନ କରି ସହରବାସୀ ସମସ୍ତେ ମିଶି ପୂଜକଙ୍କୁ ଉଚ୍ଛେଦ ଘଟଣାରେ ସହଯୋଗ କରିବାକୁ ସେଠାର ସ୍ଥାନୀୟ ବାସିନ୍ଦା ଆହ୍ୱାନ ଦେଇଛନ୍ତି।

### ଚାଲାଣ ବେଳେ ଷଣ୍ଢ ଉଦ୍ଧାର, ଅଭିଯୁକ୍ତ ଗିରଫ

ଦିଗପହଣ୍ଡି,୩।୭(ଡି.ଏନ୍.ଏ): ଦିଗପହଣ୍ଡି ପୋଲିସ ରବିବାର ଗୋକର୍ଣ୍ଣପୁର ଗ୍ରାମର ରାଜୁ ନାଇକଙ୍କୁ ଥାନା ମାମଲା ନଂ.୨୩୯/୨୨ ଅନୁଯାୟୀ ଗିରଫ କରିଛି। ଅଭିଯୁକ୍ତ ରାଜୁ ଏକ ଡାଲା ଅଟୋରେ ଚାଙ୍ଗଡା ପଲ୍ଲୀ ଗ୍ରାମରୁ ଏକ ଷଣ୍ଢ ଚୋରି କରି ନେଉଥିବା ବେଳେ ଗୋକର୍ଣ୍ଣପୁର ଗ୍ରାମରେ କିଛି ବ୍ୟକ୍ତି ପହଞ୍ଚି ଦୃତଗତିରେ ଯାଉଥିବା ଅଟୋ କୁ ଅଟକାଇ ଦିଗପହଣ୍ଡି ପୋଲିସକୁ ଖବର କରିଥିଲେ। ପୋଲିସ ଟିମ ସେଠାରେ ପହଞ୍ଚି ଖାନ ତଲାସ କରିବାରେ ଅଟୋରେ ବନ୍ଧାଯାଇଥିବା ଅବସ୍ଥାରେ ଏକ ଷଣ୍ଢ ଥିବା ଜଣାପଡିଥିଲା। ଉକ୍ତ ଷଣ୍ଢକୁ ଅଭିଯୁକ୍ତ ରାଜୁ ଆନ୍ଧ୍ର ପ୍ରଦେଶର କାଞ୍ଚିଲି ହାଟରେ ବିକ୍ରି କରିବା ପାଇଁ ନେଉଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଷଣ୍ଢକୁ ଉଦ୍ଧାର କରି ଛାଡ଼ି ଦିଆଯାଇଛି। ଷଣ୍ଢ ଚାଲାଣରେ ବ୍ୟବହୃତ ଅଟୋକୁ ଜବତ କରାଯାଇଥିବା ବେଳେ ଗୋ ସୁରକ୍ଷା ଆଇନ ଅନୁଯାୟୀ ଅଭିଯୁକ୍ତଙ୍କ ବିରୋଧରେ ମକଦ୍ଦମା ରୁଜୁ କରାଯାଇଥିବା ଆଇଆଇସି ସୂଚନା ଦେଇଛନ୍ତି।



ବିଷମ କଟକଠାରେ ଶ୍ରୀଜୀଉଙ୍କ ବରାହ ଅବତାର ।


ଦୁର୍ଗୀଠାରେ ମହାପ୍ରଭୁଙ୍କ କଚ୍ଛପ ଅବତାର ।

# ସ୍ତ୍ରୀଙ୍କୁ ମା', ଭଉଣୀ ଯୌତୁକ ନିର୍ଯାତନା ଦେଉଥିବା ଅଭିଯୋଗ

- ଥାନାର ଦ୍ୱାରସ୍ଥ ହେଲେ ଦମ୍ପତି
- କାଠଫାଳିଆ ମାଡ଼ରେ ମହିଳା ଗୁରୁତର

ରାୟଗଡ଼ା ଅଫିସ,୩।୭

ଅନେକ ଲୋକଙ୍କ ମାନସିକତାରେ ଏବେବି ପରିବର୍ତ୍ତନ ଆସିପାରି ନାହିଁ। ବିଭିନ୍ନ ସ୍ଥାନରେ ଯୌତୁକ ପାଇଁ ନିର୍ଯାତନା ଏବଂ ହତ୍ୟା ଅଭିଯୋଗ ବାରମ୍ବାର ଆସୁଛି। ରାୟଗଡ଼ା ଜିଲା ଚାନ୍ଦିଲି ଥାନା ଅଞ୍ଚଳରେ ଜଣେ ମହିଳାଙ୍କୁ ଯୌତୁକ ପାଇଁ କାଠଫାଳିଆରେ ମାଡ଼ମାରି ଗୁରୁତର କରାଯାଇଥିବା ଅଭିଯୋଗ ହୋଇଛି। ଏନେଇ ଜେକେପୁର ରୋଡ୍ ସ୍ଥିତ ବିସି ରୋଡ୍ ନିବାସୀ ବି. ଭୀମରାଜୁ ଏବଂ ସ୍ତ୍ରୀ ବି. ଇନ୍ଦୁ ରବିବାର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଇନ୍ଦୁ ଶାଶୁ ଏବଂ ନଣନ୍ଦଙ୍କ ବିରୋଧରେ ଚାନ୍ଦିଲି ଥାନାରେ ଏତଲା ଦେଇଛନ୍ତି। ଅନ୍ୟପକ୍ଷରେ ସ୍ତ୍ରୀଙ୍କୁ ପରିବାର ଲୋକେ ନିର୍ଯାତନା ଦେଉଥିବା ଭୀମାରାଜୁ ମଧ୍ୟ ଅଭିଯୋଗ କରିଛନ୍ତି।

ବାପଘରୁ ଟଙ୍କା ଏବଂ ବିଭିନ୍ନ ଜିନିଷ ଆଣିବାକୁ କହି ଶାଶୁ ଜୟଲକ୍ଷ୍ମୀ ଏବଂ ୨ ନଣନ୍ଦ କମଳା ଓ ଅରୁଣା ଦୀର୍ଘଦିନ ଧରି ନିର୍ଯାତନା ଦେଉଥିଲେ। ୩ ଦିନ ହେଲା ମାଡ଼ ମାରିବା ସହ ମାନସିକ ନିର୍ଯାତନା ଦିଆଯାଉଥିଲା। ରବିବାର ସକାଳେ ସ୍ୱାମୀ ଭୀମରାଜୁ ଏବଂ ତାଙ୍କର ୨ ଝିଅଙ୍କୁ ଘରୁ ବାହାର କରି ଶାଶୁ ଏବଂ ଦୁଇ ନଣନ୍ଦ ଇନ୍ଦୁଙ୍କୁ ଘର ଭିତରେ ରଖି କାଠଫାଳିଆରେ ମାଡ଼ ମାରି ରକ୍ତାକ୍ତ କରିଥିବା ନିଜେ ଇନ୍ଦୁ ଏବଂ ତାଙ୍କ ସ୍ୱାମୀ ଭୀମରାଜୁ ଅଭିଯୋଗ କରିଛନ୍ତି। ପୂର୍ବରୁ ଏଭଳି ଘଟଣା ଘଟୁଥିଲେ ମଧ ସ୍ତ୍ରୀ ନିଜ ଘର କଥା ଭାବି ସମ୍ଭାଳିଥିଲେ। ବାରମ୍ବାର ଏଭଳି ଘଟିବାରୁ ସେ ବାଧହୋଇ ଥାନାର ଦ୍ୱାରସ୍ଥ ହୋଇଥିବା ଭୀମରାଜୁ କହିଛନ୍ତି। ଥାନାରେ ଏତଲା ଦେବାକୁ ଯିବା ସମୟରେ ଇନ୍ଦୁ ଚେତାଶୂନ୍ୟ ହୋଇପଡ଼ିଥିଲେ। ଫଳରେ ତାଙ୍କୁ କୋଲନରା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ଏ ବିଷୟରେ ଚାନ୍ଦିଲି ଥାନାରେ ୯୪/୨୨ ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଭାରପ୍ରାପ୍ତ ଅଧିକାରୀ ବିଜୟଲକ୍ଷ୍ମୀ ହିକ୍କା କହିଛନ୍ତି। ତେବେ ଖବର ଲେଖାଯିବା ସୁଦ୍ଧା ପୋଲିସ କାହାକୁ ଗିରଫ କରି ନ ଥିବା ଜଣାପଡ଼ିଛି।

# ରାୟଗଡ଼ା ଜିଲାସ୍ତରୀୟ ବନ ମହୋତ୍ସବ

## ୨ ବନ ସୁରକ୍ଷା ସମିତି ପୁରସ୍କୃତ

ରାୟଗଡ଼ା ଅଫିସ,୩।୭

ରାୟଗଡ଼ା ବନଖଣ୍ଡ ଆନୁକୂଲ୍ୟରେ ପିତାମହଲ ସ୍ଥିତ ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟ ପରିସରରେ ଜିଲାସ୍ତରୀୟ ୭୩ତମ ବନ ମହୋତ୍ସବ ସପ୍ତାହ ରବିବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱଧା ଦେବ ସିଂ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବାବେଳେ ରାୟଗଡ଼ା ବନଖଣ୍ଡ ଅଧିକାରୀ ବିଜୟ କୁମାର ପରିଡ଼ାଙ୍କ ସମେତ ବିଭାଗୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଶିକ୍ଷାବିତ ଦୁଷ୍ମନ୍ତ କୁମାର ମହାନ୍ତି, ଜଳବିଭାଜିକା ଏପିଡି ପୂର୍ଣ୍ଣଚନ୍ଦ୍ର ଚୋଧୁରୀ, ଏସିଏଫ୍ ନିତ୍ୟାନନ୍ଦ ନାୟକ, ଏସିଏଫ୍ ଅଶୋକ କୁମାର ପ୍ରଧାନ, ସେଞ୍ଚୁରିଅନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ରାଜେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଉପଲକ୍ଷେ ୨୦୦ ଚାରାରୋପଣ କରାଯାଇଥିଲା। ସେହିପରି ଏହି ଅବସରରେ ରାୟଗଡ଼ାର ଲାଲବୀ ଏବଂ ଗୁଣପୁରର ବିରିପଡ଼ା ବନ ସୁରକ୍ଷା ସମିତିକୁ ୨୦ ହଜାର ଟଙ୍କା ପୁରସ୍କାର ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଛି। ବନ ମହୋତ୍ସବ ସପ୍ତାହ ପାଳନ ଉପଲକ୍ଷେ ପରିବେଷ ସୁରକ୍ଷା ଓ ନୂତନ ବନୀକରଣକୁ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଯାଇଛି।



ବନ ମହୋତ୍ସବ ପାଳନ ଅବସରରେ ଉପସ୍ଥିତ ଅଧିକାରୀମାନେ।

# ରେଳବାଇ ଜାଗା ଖାଲି କରିବାକୁ ଚେତାବନୀ


ପୌର ପରିଷଦର ଉପାଧକ୍ଷ ଶିବ ପ୍ରସାଦ ଗୌଡ଼ ରେଲ୍‌ୱେ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ଶୀଘ୍ର ଜବରଦଖଲ ଉଚ୍ଛେଦ ହେବ

ଗୁଣପୁର,୩।୭(ଡି.ଏନ୍.ଏ.)

ରେଳବାଇ ଜମିରୁ ଜବରଦଖଲ ଉଚ୍ଛେଦ ହେବ। ବିଶାଖାପାଟଣା ରେଳ ଡିଭିଜନର ଅଧିକାରୀ ଓ ରେଳବାଇ ପୋଲିସ ରବିବାର ଗୁଣପୁର ଆସି ଜବରଦଖଲ ହୋଇଥିବା ଅଞ୍ଚଳ ବୁଲି ଦେଖିବା ସହ ଜବରଦଖଲକାରୀଙ୍କ ସହ ଆଲୋଚନା କରିଥିଲେ। ଶୀଘ୍ର ଏହି ଅଞ୍ଚଳରୁ ଜବରଦଖଲ ଉଚ୍ଛେଦ କରାଯିବ। ଯେଉଁମାନେ ଜବରଦଖଲ କରିଛନ୍ତି ସେମାନେ ନିଜପଟୁ ଘର ଏବଂ ବ୍ୟବସାୟ ପ୍ରତିଷ୍ଠାନ ଖାଲି କରିଦେବାକୁ ଅଧିକାରୀମାନେ ଚେତାବନୀ ଦେଇଛନ୍ତି।

ଖବର ପାଇ ଗୁଣପୁର ପୌର ପରିଷଦ ଉପାଧକ୍ଷ ଶିବପ୍ରସାଦ ଗୌଡ଼ ପହଞ୍ଚି ଅଧିକାରୀଙ୍କ ସହ ଏ ବିଷୟରେ ଆଲୋଚନା କରିଥିଲେ। ପ୍ରଶାସନ ସହ ଆଲୋଚନା କରି ଉଚ୍ଛେଦ ପ୍ରକ୍ରିୟା କରିବା ନିମନ୍ତେ ସେ ରେଲ୍‌ୱେ ଅଧିକାରୀଙ୍କୁ କହିଥିଲେ। ସୂଚନାଯୋଗ୍ୟ, ଜୁନ୍ ୨୯ ରେ ବିଶାଖାପାଟଣା ଡିଭିଜନର ଡିଆର୍‌ଏମ୍ ଅନୁପ ଶତପଥୀ ଗୁଣପୁର ରେଳ ଷ୍ଟେଶନ ପରିଦର୍ଶନରେ ଆସିଥିଲେ। ସେଠାରେ ଆନ୍ଧ୍ର-ଓଡ଼ିଶା ରେଳ ବ୍ୟବହାରିକ ସଂଘ ପକ୍ଷରୁ ସତ୍ୟପ୍ରକାଶ ପଣ୍ଡା ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ନବନିର୍ମାଣ ସମିତି ଭଳି କେତେକ ସଙ୍ଗଠନ ପକ୍ଷରୁ ଗୁଣପୁର ରେଳପଥ ଓ ଷ୍ଟେଶନର ବିକାଶ ନେଇ ଆଲୋଚନା ହୋଇଥିଲା। ଆଲୋଚନା ବେଳେ ରେଳବାଇ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ଯୁବ ସଙ୍ଗଠକ ଚିନ୍ମୟ ପାଣିଗ୍ରାହୀ ଦାବି କରିଥିଲେ।

# ବନ ମହୋତ୍ସବ ସପ୍ତାହ ପାଳନ

## ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ

ରାଇକିଆ,୩।୭(ଡି.ଏନ୍.ଏ)

ରାଇକିଆ ବନ ବିଭାଗ ତରଫରୁ ରବିବାର ବନ ମହୋତ୍ସବ ସପ୍ତାହ ଅବସରରେ ଚାରା ବିତରଣ କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ବିଜୟ ହାଇସ୍କୁଲ ସାମନାରେ ଏକ ସ୍ୱତନ୍ତ୍ର ଷ୍ଟଲ୍ ଖୋଲାଯାଇ ଚାରା ବଣ୍ଟନ କରାଯାଇଥିଲା। ବ୍ଲକ ଅଧ୍ୟକ୍ଷ ପ୍ରୀତମ ପ୍ରଧାନ, ରାଇକିଆ ସରପଞ୍ଚ ଗୀତାଞ୍ଜଳି ନାୟକ, ବେରେଡଡାକିଆ ସରପଞ୍ଚ ଅକ୍ଷୟ ପ୍ରଧାନ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ସର୍ବସାଧାରଣଙ୍କ ପାଇଁ ୧ ଟଙ୍କାରେ ଚାରା ଦିଆଯାଉଥିବା ବେଳେ ସରକାରୀ ଅନୁଷ୍ଠାନ, ବିଦ୍ୟାଳୟ, କଲେଜ ପାଇଁ ମାଗଣାରେ ଦିଆଯିବା ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ରେଞ୍ଜର ମାଣିକେଶରୀ ପଟ୍ଟନାୟକ, ଫରେଷ୍ଟର ବିଷ୍ଣୁ ପ୍ରସାଦ ରଥ, ଫରେଷ୍ଟ ଗାର୍ଡ ଅଜିତ ଗଣ୍ଡ ଉପସ୍ଥିତ ଥିଲେ।

# ବନ ମହୋତ୍ସବରେ ଶତାଧିକ ଫଳ, ଔଷଧୀୟ ଚାରାରୋପଣ

ପଦ୍ମପୁର,୩।୭(ଡି.ଏନ୍.ଏ.)-

ରାୟଗଡ଼ା ଜିଲା ପଦ୍ମପୁର ବନ ବିଭାଗ ପକ୍ଷରୁ ପଦ୍ମପୁର ସେକ୍ସନ(ଗୁଣପୁର ବନାଞ୍ଚଳ, ରାୟଗଡ଼ା ବନଖଣ୍ଡ) ଅନ୍ତର୍ଗତ ଆମ୍ବାବାଡ଼ି ଠାରେ ୭୩ ତମ ବନ ମହୋତ୍ସବ ପାଳିତ ହୋଇଯାଇଛି। ଏଥିରେ ଗୁଣପୁର ରେଞ୍ଜର ରଞ୍ଜନ କୁମାର ମହାନ୍ତି, ପଦ୍ମପୁର ବନପାଳ ମାଝିଗୌରୀ ମହାପାତ୍ର, ଲକ୍ଷ୍ମୀକାନ୍ତ ପାଇଟାଳ, ସନ୍ତୋଷୀ ବାଗ, ରାମେଶ୍ୱରୀ ସାହୁ, ସମିତି ସଭ୍ୟ ସୁକାନ୍ତି ଶବର, ଘନାତ୍ରୀ ସରପଞ୍ଚ ନୀଳକଣ୍ଠ ଶବର, ନଟ ଲାବଲା ପ୍ରମୁଖ ଯୋଗଦେଇ ପଣସ, ପିଜୁଳି, ନିମ୍ବ, ଅର୍ଜୁନ, କରଞ୍ଜ, ଆମ୍ବ ଆଦି ଶତାଧିକ ଫଳ ଜାତୀୟ ଓ ଔଷଧୀୟ ଚାରାରୋପଣ କରିଥିଲେ। ଅଞ୍ଚଳବାସୀ ବନ ବିଭାଗର କାର୍ଯ୍ୟରେ ଖୁସି ପ୍ରକାଶ କରିଛନ୍ତି।



ବନ ବିଭାଗ ପକ୍ଷରୁ ଚାରାରୋପଣ କରାଯାଉଛି।

# ତ୍ରିପୁରାରେ ଦାଦନ ଶ୍ରମିକଙ୍କ ମୃତ୍ୟୁ

ପାପଡାହାଣ୍ଡି, ୩।୭(ଡି.ଏନ୍.ଏ.)

ପରିବାର ପ୍ରତିପୋଷଣ ପାଇଁ କାମ କରିବାକୁ ତାମିଲନାଡୁ ରାଜ୍ୟର ତ୍ରିପୁରା ସହରକୁ ବାହାରିଥିଲେ। ମନରେ ଆଶା ବାନ୍ଧିଥିଲେ ଦୁଇ ଭଉଣୀ ପଢ଼ାଇବା ସହ ତାଙ୍କର ବିବାହ କରାଇବା। ହେଲେ ସେଠାରେ ପହଞ୍ଚିବା ପରେ ବିଗିଡି ଗଲା ସ୍ୱାସ୍ଥ୍ୟାବସ୍ଥା। ତ୍ରିପୁରାରେ ହିଁ ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ମୋକିଆ ପଞ୍ଚାୟତ ଅଧୀନ ଡାଙ୍ଗରୀଗୁଡା କେନ୍ଦୁପଦର ଗ୍ରାମର ଭିକି ହରିଜନ( ୨୧)ଙ୍କ ମୃତ୍ୟୁ ହୋଇଛି।

ରୋଜଗାର ପାଇଁ ଭାଇ ତୁଳାରାମଙ୍କ ଓ ନିଜ ଅଞ୍ଚଳର ୮ଜଣଙ୍କ ସହ ଗୁରୁବାର ତ୍ରିପୁରା ବାହାରିଥିଲେ ଭିକି। ଶନିବାର ତ୍ରିପୁରା ପହଞ୍ଚିବା ପରେ ଭିକିଙ୍କ ସ୍ୱାସ୍ଥ୍ୟାବସ୍ଥା ବିଗିଡି ଯାଇଥିଲା। ତୁଳାରାମ ଓ ଅନ୍ୟମାନେ ତାଙ୍କୁ ତ୍ରିପୁରାର ସରକାରୀ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ରବିବାର ଭିକିଙ୍କର ମୃତ୍ୟୁ ହୋଇଯାଇଛି। ଏନେଇ ବଡ଼ ଭାଇ ତୁଳାରାମ ପରିବାର ଲୋକଙ୍କୁ ଜଣାଇଛନ୍ତି। ଭାଇର ମୃତଦେହ ଫେରାଇ ଆଣିବାକୁ ଟଙ୍କା ନଥିବା ତୁଳାରାମ କହିଛନ୍ତି। ସେଠାରେ ହିଁ ଭିକିଙ୍କ ଅନ୍ତିମ ସତ୍କାର କରିବାକୁ ପରିବାର ମୁଖ୍ୟ ଘାସି ହରିଜନ କହିଛନ୍ତି।

# ସ୍କୁଲରେ ସନ୍ଧାନୀ କୁକୁର ସହ ସାଇଣ୍ଟିଫିକ ଟିମ୍‌ର ତଦନ୍ତ

- ଇନ୍ଦ୍ରାବତୀ ହାଇସ୍କୁଲରୁ ଚୋରି ଘଟଣା
- ବ୍ଲାକ ବୋର୍ଡରେ 'ଆମେ ପୁଣି ଆସିବୁ' ଲେଖି ପୋଲିସକୁ ଚ୍ୟାଲେଞ୍ଜ

ନବରଙ୍ଗପୁର,୩।୭(ବି.ପ୍ର.)

ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ବ୍ଲକ ଅଧୀନ ଇନ୍ଦ୍ରାବତୀ ପ୍ରକଳ୍ପ ଉଚ୍ଚ ବିଦ୍ୟାଳୟରେ ଗତ ଶୁକ୍ରବାର ରାତିରେ ହୋଇଥିବା ଚୋରି ଘଟଣାରେ ପୋଲିସ ତଦନ୍ତ ଆରମ୍ଭ କରିଛି। ରବିବାର ସନ୍ଧାନୀ କୁକୁର, ସାଇଣ୍ଟିଫିକ ଟିମ୍ ସହାୟତାରେ ପୋଲିସ ଛାନଭିନ ଆରମ୍ଭ କରିଛି। ଡିଏସ୍‌ପି ଏସ୍.କେ. ମଲ୍ଲିକ ଚୋରି ହୋଇଥିବା ସ୍କୁଲରେ ପହଞ୍ଚି ଘଟଣାରେ ବିଦ୍ୟାଳୟ କର୍ମଚାରୀ ତଥା ଶିକ୍ଷକଙ୍କୁ ପଚାରି ବୁଝିଛନ୍ତି। ଚୋରମାନେ ବ୍ଲାକ୍ ବୋର୍ଡରେ 'ଆମେ ପୁଣି ଆସିବୁ' ଲେଖି ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇଛନ୍ତି। ଉକ୍ତ ଲେଖାକୁ ନେଇ ପୋଲିସ ତଦନ୍ତ ପକ୍ରିୟା ଜୋର୍‌ଦାର କରୁଛି। ପୋଲିସ ଓ ସାଇଣ୍ଟିଫିକ୍ ଟିମ୍‌କୁ ବିଦ୍ୟାଳୟ ଶିକ୍ଷକ ଏବଂ କର୍ମଚାରୀ ତଦନ୍ତବେଳେ ସମସ୍ତ ପ୍ରକାର ସହଯୋଗ କରିଥିଲେ। ଚୋରି ହୋଇଥିବା କମ୍ପ୍ୟୁଟର ,ଜେରକ୍ସ କମ ପ୍ରିଣ୍ଟର୍ ମେସିନ, ସାଉଣ୍ଡ ବକ୍ସ, ଆମ୍ପ୍ଲିଫାୟାର ମେସିନ, ଓଜନ ମାପକ ଯନ୍ତ୍ର ଆଦି ସରକାରୀ ସମ୍ପତି ହୋଇଥିବାରୁ ସେସବୁକୁ ତୁରନ୍ତ ଜବତ କରିବାକୁ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ବେହେରା ପୋଲିସକୁ ନିବେଦନ କରିଛନ୍ତି। ସୂଚନାନୁଯାୟୀ ଶୁକ୍ରବାର ବିଳମ୍ବିତ ରାତିରେ ଦୁର୍ବୃତ୍ତ ମାନେ ପ୍ରଥମେ ବିଦ୍ୟାଳୟ ମୁଖ୍ୟ ଫାଟକ ଚାବି ଭାଙ୍ଗିଥିଲେ। ପରେ ପ୍ରଧାନ ଶିକ୍ଷକଙ୍କ କକ୍ଷର ଦୁଇଟି ଚାବି ଭାଙ୍ଗି କମ୍ପ୍ୟୁଟର ଓ ଅନ୍ୟ ସାମଗ୍ରୀ ନେଇଯାଇଛନ୍ତି। ଏହାପରେ ଚୋର ମାନେ ବ୍ଲାକବୋର୍ଡ଼ରେ ଇଟ୍ସ ମି ଧୂମ ୪ , ଆମେ ପୁଣି ଆସିବୁ , ସ୍କୁଲ ପିଲା ଧରିପାରିଲେ ଧର, କମିଂ ସୁନ ଲେଖିଛନ୍ତି। ବ୍ଲାକ ବୋର୍ଡରେ ଏଭଳି ଲେଖି ଚୋରମାନେ ପୋଲିସକୁ ପୁଣି ଆସିବେ ବୋଲି ଚେତାବନୀ ଦେଇଛନ୍ତି। ଏବେ ପୋଲିସ କ'ଣ ପଦକ୍ଷେପ ନେଉଛି ତାହା ଦେଖିବା ବାକି ରହିଲା। ଚୋରଙ୍କ ବ୍ଲାକ ବୋର୍ଡରେ ଏତାଦୃଶ୍ୟ ଲେଖା ତେନ୍ତୁଳିଖୁଣ୍ଟିରେ ଚର୍ଚ୍ଚାର ବିଷୟ ପାଲଟିଛି।



ଘଟଣାସ୍ଥଳରେ ତଦନ୍ତ କରାଯାଉଛି।

# ବନ ମହୋତ୍ସବରେ 'ପରିବେଶ ସୁରକ୍ଷା' ନାଟକ ମଞ୍ଚସ୍ଥ

ମୁନିଗୁଡ଼ା,୩।୭(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ନିକଟସ୍ଥ ହୁକୁମାତୋଳା ସ୍ଥିତ ରାମେଶ୍ୱର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ରବିବାର ବନ ମହୋତ୍ସବ ସପ୍ତାହ ପାଳନର ତୃତୀୟ ଦିବସରେ ଚାରାରୋପଣ, ଆଲୋଚନା ଚକ୍ର ଏବଂ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁନିଗୁଡ଼ା ଥାନା ଅଧିକାରୀ ସୁଜ୍ଞାନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ଉଭୟ ପ୍ରାକୃତିକ ପରିବେଶ ଓ ଭାଷା-ସାହିତ୍ୟ -ସଂସ୍କୃତିର ସୁରକ୍ଷା ପାଇଁ ନାଗରିକ ସମାଜ କାର୍ଯ୍ୟ କରିବାକୁ ଆହ୍ୱାନ କରିଥିଲେ। ଶନିବାର ମୁନିଗୁଡ଼ା ବନଖଣ୍ଡ ପକ୍ଷରୁ ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ ବିଭିନ୍ନ ବିଦ୍ୟାଳୟରେ ଚାରାରୋପଣ, ଆଲୋଚନା ଚକ୍ର ଓ ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପରିବେଶ ସମ୍ପର୍କିତ ପ୍ରତିଯୋଗିତା ହୋଇଥିଲା। ମୁନିଗୁଡ଼ା ଆଦର୍ଶ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧକ୍ଷା ମିଲି ଶଣ୍ଢ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥିଭାବେ ମୁନିଗୁଡ଼ା ବନଖଣ୍ଡ ଅଧିକାରୀ କାଳାଇ ବାନାନା ଆର୍ (ଆଇଏସ୍‌ଏଫ), ମୁଖ୍ୟବକ୍ତା ରୂପେ ଅବୈତନିକ ବନ୍ୟପ୍ରାଣୀ ସଂରକ୍ଷକ ଗୌରାଙ୍ଗ ଚରଣ ରାଉତ ଏବଂ ସମ୍ମାନିତ ଅତିଥି ରୂପେ ବନପାଳ ପ୍ରମୋଦିନୀ ମାଣ୍ଡିଙ୍ଗୀ ଯୋଗ ଦେଇଥିଲେ। ଅତିଥିମାନେ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ମିଶି ବିଦ୍ୟାଳୟ ପରିସରରେ ବେଲ, ପିସ୍ତା, କାଜୁ, ଆମ୍ବ, ପଣସ ଓ ଅନ୍ୟାନ୍ୟ ଚାରାରୋପଣ କରିଥିଲେ। ପରେ ବିଦ୍ୟାଳୟ ସଭାକକ୍ଷରେ ଶିକ୍ଷକ ଅଶ୍ୱିନୀ ବାରିକଙ୍କ ନାଟ୍ୟ ନିର୍ଦ୍ଦେଶନାରେ ବିଦ୍ୟାଳୟରର ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ 'ପରିବେଶ ସୁରକ୍ଷା' ମଞ୍ଚସ୍ଥ ହୋଇଥିଲା। ଏଥିସହ ବିଦ୍ୟାଳୟର ବିଦ୍ୟାର୍ଥୀଙ୍କ ମଧ୍ୟରେ ରଚନା, ବକ୍ତୃତା ଏବଂ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ସମସ୍ତ କୃତୀ ବିଦ୍ୟାର୍ଥୀଙ୍କୁ ଅତିଥିମାନେ ସମ୍ମାନିତ ଓ ପୁରସ୍କୃତ କରିଥିଲେ। ଅତିଥିମାନେ ପରିବେଶକୁ ସୁରକ୍ଷା ଦେବାକୁ ଛାତ୍ରଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଶୁଭଶ୍ରୀ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଲିଙ୍ଗରାଜ ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ମୁନିଗୁଡ଼ା କନ୍ୟାଶ୍ରମ ଓ ପାତ୍ରଗୁଡ଼ାର ବୃନ୍ଦାବନ ବିଦ୍ୟାପୀଠରେ ବନ ଅଧିକାରୀ ମାନଙ୍କ ସହଯୋଗ ଓ ଛାତ୍ରୀଛାତ୍ରଙ୍କ ଦ୍ୱାରା ବନ ମହୋତ୍ସବ ପାଳନ କରାଯାଇଥିଲା।

## ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ


ଛାତ୍ରୀ ଓ ଅତିଥିମାନେ ଚାରାରୋପଣ କରୁଛନ୍ତି ।

## ସଂକ୍ଷେପରେ

### ପାଗଳ କୁକୁର କାମୁଡ଼ାରେ ୪ ଆହତ



ଝରିଗାଁ, ୩।୭(ସ୍ୱ.ପ୍ର.)- ନବରଙ୍ଗପୁର ଜିଲା ଝରିଗାଁ ବ୍ଲକ ସଦରମହକୁମାରେ ପାଗଳ କୁକୁରର ଆତଙ୍କ ଦେଖା ଦେଇଛି। ରବିବାର ସକାଳୁ ଝରିଗାଁ ମୁଖ୍ୟ ରାସ୍ତାରେ ଯାତାୟାତ କରୁଥିବା ଲୋକଙ୍କୁ ଏକ ପାଗଳ କୁକୁର କାମୁଡ଼ିଥିଲା। ଏଥିରେ ଝରିଗାଁ ବ୍ଲକର ହରେଶ ପଟ୍ଟନାୟକ (୪୮), ଛଟୁ ପାରଗୁନିଆ (୬), ସନୁ ଗୁପ୍ତା (୧୯) ଏବଂ ଜନ୍ମେଜୟ ନାୟକ(୫୫) ଆହତ ହୋଇଛନ୍ତି। ସମସ୍ତଙ୍କୁ ଝରିଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା କରାଯାଇ କୁକୁର କାମୁଡ଼ା ଇଞ୍ଜେକ୍‌ଶନ ଦିଆଯାଇଛି। ବର୍ତ୍ତମାନ ସମସ୍ତେ ସୁସ୍ଥ ଥିବା ଡାକ୍ତର ପ୍ରକାଶ ଚନ୍ଦ୍ର ନାୟକ ସୂଚନା ଦେଇଛନ୍ତି।

### ଜିଲାପାଳଙ୍କୁ ଭେଟିଲା କିନ୍ନର ସଂଘ

ନବରଙ୍ଗପୁର,୩।୭(ବି.ପ୍ର.)- ନବରଙ୍ଗପୁର ଜିଲା କିନ୍ନର ସଂଘ ସଦସ୍ୟମାନେ ରବିବାର ନବରଙ୍ଗପୁରରେ ପହଞ୍ଚି ମା' ଭଣ୍ଡାରଘରଣୀଙ୍କ ଆଶ୍ରୀର୍ବାଦ ନେଇଥିଲେ। ପରେ ସଙ୍ଘ ଅଧକ୍ଷ ମନୋଜ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ସମସ୍ତେ ଜିଲାପାଳ ଡକ୍ଟର କମଳ ଲୋଚନ ମିଶ୍ରଙ୍କୁ ଭେଟିଥିଲେ। ଏହି ଅବସରରେ କିନ୍ନର ସଙ୍ଘର ରେଜିଷ୍ଟ୍ରେସନ ସାର୍ଟିଫିକେଟକୁ ଜିଲାପାଳ ଉନ୍ମୋଚନ କରିଥିଲେ। ଜିଲାପାଳ ନିଜ କାର୍ଯ୍ୟାଳୟରେ କିନ୍ନରମାନଙ୍କ ସହ ବସି ତାଙ୍କର ବିଭିନ୍ନ ସମସ୍ୟାର ବିଷୟରେ ବିସ୍ତୃତଭାବେ ଆଲୋଚନା କରିଥିଲେ। ଉକ୍ତ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ସେ ପ୍ରତିଶ୍ରୁତି ଦେଇଛନ୍ତି। ଏହାପରେ କିନ୍ନର ସଂଘ ସଦସ୍ୟମାନେ ଜଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର ଏବଂ ତହସିଲଦାର ରବୀନ୍ଦ୍ର କୁମାର ରାଉତଙ୍କୁ ସାକ୍ଷାତ କରିଥିଲେ। ଏହି ଅବସରରେ କିନ୍ନର ସଂଘ ସଭାପତି କାଜଲ, ସମ୍ପାଦକ ଚୁମ୍‌କୀ, ଉପସଭାପତି ସୋନା, ସହସମ୍ପାଦକ ପ୍ରୀତି, କୋଷାଧ୍ୟକ୍ଷ କଳ୍ପନାଙ୍କ ସମେତ କାର୍ଯ୍ୟ ନିର୍ବାହୀ ସଭ୍ୟ କୃଷ୍ଣପ୍ରସାଦ ରଥ, ସୁବ୍ରତ ବେହେରା,ବାବୁଲା ସୃତି, ତନୁଜା, ଅନିତା, କୁନା, ଜୟନ୍ତୀ, ଅଞ୍ଜୁ,ବିସ୍ମମା, ଗୋପା, ଗୁଗୁ, ଡମ୍ବୁ, ସାହୁ ଏବଂ ଅର୍ଜୁନ ଜାନୀ ପ୍ରମୁଖ ଉପସ୍ଥିତ ଥିଲେ।

### ବିଜେଡି ଯୁବ ନେତାଙ୍କ ଉପରୁ ହଟିଲା ନିଲମ୍ବନ ଆଦେଶ



ଉମରକୋଟ, ୩।୭(ସ୍ୱ.ପ୍ର.)- ନବରଙ୍ଗପୁର ଏମ୍‌ପି ତଥା ବିଜେଡି ଜିଲା ସଭାପତି ରମେଶ ମାଝି ଉମରକୋଟ ଯୁବ ସୋସିଆଲ ମିଡ଼ିଆ କୋଅର୍ଡିନେଟର ସତ୍ୟନାରାୟଣ ରାଉତଙ୍କ ଉପରେ ଲାଗିଥିବା ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଛନ୍ତି। ଏହାପରେ ସତ୍ୟନାରାୟଣ ନବରଙ୍ଗପୁର ଜିଲା ସଭାପତି ରମେଶ ମାଝି, ଏମ୍‌ପିଙ୍କ ପ୍ରତିନିଧି ପ୍ରମୋଦ ପାଢ଼ୀ, ଜିଲା ଛାତ୍ର ସଭାପତି ସୁଧାଂଶୁ ଦାସଙ୍କୁ କୃତଜ୍ଞତା ଜଣାଇବା ସହ ଦଳ ଯେଉଁ ଗୁରୁଦାୟିତ୍ୱ ଦେବ ତାହାକୁ ସୁପରିଚାଳନା କରିବି ବୋଲି କହିଛନ୍ତି। ସୂଚନାନୁଯାୟୀ, ସତ୍ୟ ନାରାୟଣ ରାଉତ ଗତ ପୌର ନିର୍ବାଚନରେ ୧ ନମ୍ବର ୱାର୍ଡ କାଉନ୍‌ସିଲର ଟିକେଟ ପାଇବାକୁ ଆଶାୟୀ ଥିଲେ। କିନ୍ତୁ ଦଳୀୟ ଟିକେଟ ନ ମିଳିବାରୁ ସେ ସ୍ୱାଧୀନଭାବେ ନାମାଙ୍କନ ପତ୍ର ଦାଖଲ କରି ନିର୍ବାଚନ ଲଢ଼ିଥିଲେ। ତେଣୁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଥିଲା।

# ହଷ୍ଟେଲ ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦାୟିତ୍ୱ ଏସ୍‌ଏଚ୍‌ଜିଙ୍କୁ ଦିଆଯାଉ

■ ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ସଂଘ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

■ ବର୍ତ୍ତମାନ ପିଲାମାନଙ୍କୁ ମେସ୍ ସାମଗ୍ରୀ ଯୋଗାଉଛି ଏସ୍‌ଏଚ୍‌ଜି

ନବରଙ୍ଗପୁର,୩।୭(ବି.ପ୍ର.)



ଜିଲାପାଳ ଦାବିପତ୍ର ଗ୍ରହଣ କରୁଛନ୍ତି।

ନିଖିଳ ଉତ୍କଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ ନବରଙ୍ଗପୁର ଶାଖା ପକ୍ଷରୁ ଏକ ଦାବିପତ୍ର ଜିଲାପାଳ ଡ. କୋମଳଲୋଚନ ମିଶ୍ରଙ୍କୁ ପ୍ରଦାନ କରାଯାଇଛି। ହଷ୍ଟେଲ ଛାତ୍ରୀଛାତ୍ରଙ୍କ ମେସ୍ ସାମଗ୍ରୀ ଯୋଗାଣ ସହ ସେମାନଙ୍କ ସୁରକ୍ଷା ଓ ଅନ୍ୟ ଦାୟିତ୍ୱ ମଧ୍ୟ ଏସ୍‌ଏଚ୍‌ଜିଙ୍କୁ ଦେବାକୁ ଦାବି ହୋଇଛି।

ଓଡ଼ିଶା ସରକାରଙ୍କ ମିଶନ ଶକ୍ତି ବିଭାଗୀୟ ପ୍ରମୁଖ ସଚିବ ଓ ଅନୁସୂଚିତ ଜନଜାତି ଓ ଜାତି ବିଭାଗୀୟ ପ୍ରମୁଖ ସଚିବଙ୍କ ମିଳିତପତ୍ର ଅନୁଯାୟୀ ବର୍ତ୍ତମାନ ଜିଲାରେ ଏସ୍‌ଏଚ୍‌ଜିଙ୍କୁ ଛାତ୍ରୀଛାତ୍ରଙ୍କ ପାଇଁ ମେସ୍ ସାମଗ୍ରୀ ଯୋଗାଇବାକୁ ଆଦେଶ ହୋଇଛି। ଏଥିପାଇଁ ପ୍ରତ୍ୟେକ ବ୍ଲକର ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଓ ମିଶନ ଶକ୍ତି କର୍ମଚାରୀ ମିଳିତ ଭାବେ ବିଭିନ୍ନ ଏସ୍‌ଏଚ୍‌ଜିଙ୍କୁ ଚୟନ କରିଛନ୍ତି। ଏହି ଚୁକ୍ତି ଅନୁଯାୟୀ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟମାନେ ରାଶନ ସାମଗ୍ରୀ, ପନିପରିବା ଓ ପ୍ରସାଧାନ ସାମଗ୍ରୀ ବିଦ୍ୟାଳୟକୁ ଯୋଗାଇବେ। କିନ୍ତୁ ହଷ୍ଟେଲରେ ରହୁଥିବା ଛାତ୍ରୀଛାତ୍ରଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟ ଭାର ପ୍ରଧାନ ଶିକ୍ଷକ ଏବଂ ହଷ୍ଟେଲ ଦାୟିତ୍ୱରେ ଥିବା ସହକାରୀ ଶିକ୍ଷକ ତୁଲାଇବାର ନିୟମ ରହିଛି। ମାତ୍ର ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ଅନ୍ୟ ଦାୟିତ୍ୱ ଏସ୍‌ଏଚ୍‌ଜିଙ୍କୁ ଦେଲେ ଶିକ୍ଷୟିତ୍ରୀ ଶିକ୍ଷକମାନେ ଛାତ୍ରୀଛାତ୍ରଙ୍କ ଶିକ୍ଷା ପ୍ରତି ଅଧିକ ଗୁରୁତ୍ୱ ଦେଇପାରିବେ ବୋଲି ସଂଘ ପକ୍ଷରୁ ଜିଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସଂଘ ସଭାପତି ସାଧୁରାମ ଭତ୍ରା, ସମ୍ପାଦକ ରଞ୍ଜନ କୁମାର ବେହେରା, ମିଡିଆ ସଂଯୋଜକ ମନୋଜ କୁମାର ପଟ୍ଟନାୟକ, ଉପସଭାପତି କାଳିକିଙ୍କର ପଟ୍ଟନାୟକ, ଉପଦେଷ୍ଟା ସୁକାନ୍ତ କୁମାର ସ୍ୱାଇଁ, କୋଷାଧ୍ୟକ୍ଷ ଶୁଭେନ୍ଦୁ ବେହେରାଙ୍କ ସମେତ ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ଥିଲେ।



ନବରଙ୍ଗପୁର ଓ ଉମରକୋଟରେ ଜଗନ୍ନାଥଙ୍କ ବରାହ ଅବତାର ବେଶ ।

# 'ନିଜ ବାଡ଼ିରେ ସମସ୍ତେ ଗୋଟିଏ ଲେଖାଏ ଗଛ ଲଗାଅ'



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ଚନ୍ଦାହାଣ୍ଡି, ୩।୭(ଡି.ଏନ୍.ଏ.)

**ବ୍ରହ୍ମାକୁମାରୀ ଗୀତା ପାଠଶାଳାରେ ଚାରାରୋପଣ**

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ମୋହରା ପଞ୍ଚାୟତ ଅଧୀନ ପୂଜାରୀଗୁଡା ବ୍ରହ୍ମାକୁମାରୀ ଗୀତା ପାଠଶାଳା ପରିସରରେ ବନମହୋତ୍ସବ ସପ୍ତାହ ଅବସରରେ ଚାରାରୋପଣ କରାଯାଇଛି। ଝରିଗାଁ ବନାଞ୍ଚଳ ସୌଜନ୍ୟରେ ଏହି କାର୍ଯ୍ୟକ୍ରମ କରାଯାଇଛି। ବିକେ ଅଭିରାମ ଭାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଦିଲୀପ କୁମାର ଦାସ ଯୋଗ ଦେଇଥିଲେ। ବନପାଳ ପ୍ରଦୀପ୍ତ କୁମାର ଦାଶ, ଫରେଷ୍ଟଗାର୍ଡ ଭୀଷ୍ମ ମାଝି, ଆମ ଜଙ୍ଗଲ ଯୋଜନା (ଡିଓ) ଦେବିସିଂ ଖରସେଲ, କମଲସିଂ ସାନ୍ତା, ପାରାଗାର୍ଡ ମହମ୍ମଦ ଫାରୁକ, ବିକେ ଦେବେନ୍ଦ୍ର, ସୁରେଶ, ଦେବାନନ୍ଦ, ସଦାନନ୍ଦ, ସହଦେବ ପ୍ରମୁଖ ପଣସ, ଆମ୍ବ, ଶିଶୁ, ଅମୃତଭଣ୍ଡା, ବେଲ, କଇଁଥ, କାଞ୍ଚନ, ଚନ୍ଦନ ସହ ବିଭିନ୍ନ ଔଷଧୀୟ ଚାରା ଲଗାଇଛନ୍ତି। ପରେ ଆୟୋଜିତ ସଚେତନତା ସଭାରେ ଅତିଥିମାନେ ଚାରାରୋପଣର ଆବଶ୍ୟକତା, ତାହାର ଯତ୍ନ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହାପରେ ବିଭିନ୍ନ ଖୋଲା ସ୍ଥାନରେ ଚାରାରୋପଣ କରାଯାଇଛି। ଉପସ୍ଥିତ ଲୋକଙ୍କୁ ଗୋଟିଏ ଲେଖାଏ ଚାରା ଦିଆଯାଇଛି। ପ୍ରତ୍ୟେକ ବ୍ୟକ୍ତି ନିଜ ବାଡ଼ିରେ ଗୋଟିଏ ଲେଖାଏ ଗଛ ଲଗାଇବା ସହ ଯତ୍ନ ନେବାକୁ ପରାମର୍ଶ ଦିଆଯାଇଛି।

# ଶୁଣିଲାନି ପ୍ରଶାସନ, ବାଧ୍ୟହୋଇ ନାଳ ସଫା କଲେ ଦୋକାନୀ



ଦୋକାନୀମାନେ ନାଳ ସଫା କରୁଛନ୍ତି।

ପାପଡ଼ାହାଣ୍ଡି, ୩।୭(ଡି.ଏନ୍.ଏ.)

■ ସାମାନ୍ୟ ବର୍ଷାରେ ମଧ୍ୟ ଦୋକାନରେ ପଶୁଥିଲା ଡ୍ରେନ୍ ପାଣି

■ ଜରି, ଆବର୍ଜନାରେ ପୋତି ହୋଇପଡ଼ିଥିଲା ନାଳ

ପ୍ରଶାସନ ପକ୍ଷରୁ ସଫା କରାଯାଉନି ନାଳ। ଫଳରେ ସାମାନ୍ୟ ବର୍ଷାରେ ମଧ୍ୟ ଡ୍ରେନ୍ ପାଣି ରାସ୍ତାରେ ଭାସିବା ସହ ଦୋକାନରେ ପଶିଯାଉଛି। ଶେଷରେ ବାଧ୍ୟହୋଇ ଦୋକାନୀମାନେ ନାଳ ସଫା କରିଛନ୍ତି। ଏପରି ଘଟଣା ନବରଙ୍ଗପୁର ଜିଲା ପାପଡାହାଣ୍ଡିରେ ଦେଖିବାକୁ ମିଳିଛି। ଶନିବାର ସକାଳୁ ପାପଡ଼ାହାଣ୍ଡିରେ ବର୍ଷା ହୋଇଥିଲା। ବର୍ଷା ଯୋଗୁ ଉମରକୋଟ ରାସ୍ତାର ବହୁ ଦୋକାନରେ ପାଣି ପଶିଯାଇଛି। ପାଣିରେ ଭିଜି ଦୋକାନର ବହୁ ଆସବାବ ପତ୍ର ନଷ୍ଟ ହୋଇଛି। ସ୍ଥାନୀୟ ଦୋକାନୀ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏହାପରେ ସେମାନେ ନିଜେ ନାଳ ସଫା କରିଥିଲେ। ପ୍ରତ୍ୟେକ ବର୍ଷ ବର୍ଷା ହେଲେ ଏପରି ହଇରାଣ ହେଉଛୁ। ନାଳଗୁଡ଼ିକୁ ପ୍ରଶାସନ ସଫା କରୁନାହିଁ। ନାଳରେ କାଗଜ, ଜରି, ପଲିଥିନ ଆଦି ପଡି ପୋତି ହୋଇଯାଇଥିଲା। ଫଳରେ ଟିକିଏ ବର୍ଷା ହେଲେ ମଧ୍ୟ ନାଳପାଣି ଦୋକାନରେ ପଶିଯାଏ । ତେଣୁ ବାଧ୍ୟହୋଇ ନିଜେ ନାଳ ସଫା କରିଛୁ ବୋଲି ଦୋକାନୀମାନେ କହିଛନ୍ତି।

# ସାପ୍ତାହିକ ଆଭାସୀ ବୈଠକରେ ସ୍ଥିର ହେବ ପ୍ରସ୍ତୁତି କାର୍ଯ୍ୟ

ନବରଙ୍ଗପୁର,୩।୭(ବି.ପ୍ର.)

**ନବରଙ୍ଗପୁର ମହାବିଦ୍ୟାଳୟ ସ୍ୱର୍ଣ୍ଣ ଜୟନ୍ତୀ ପ୍ରସ୍ତୁତି ବୈଠକ**

ନବରଙ୍ଗପୁର ମହାବିଦ୍ୟାଳୟ ୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ଆଗାମୀ ଦିନରେ ଆୟୋଜିତ ହେବାକୁ ଥିବା ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମ ପାଇଁ ପ୍ରାକ୍ ପ୍ରସ୍ତୁତି ବୈଠକ ମହାବିଦ୍ୟାଳୟ ପରିସରରେ କରାଯାଇଛି। ଅଧ୍ୟକ୍ଷ ଭାସ୍କରନାଥ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ପ୍ରାଥମିକଭାବେ ମହାବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରୀଛାତ୍ର, ଛାତ୍ର ସଂସଦର ସମସ୍ତ ସଭାପତି ଓ ସମ୍ପାଦକଙ୍କୁ ନେଇ ତଥ୍ୟ ସମ୍ବଳିତ ଏକ ବିବରଣୀ ପ୍ରସ୍ତୁତ କରାଯିବା ପାଇଁ ସ୍ଥିର କରାଯାଇଛି। ପରବର୍ତ୍ତୀ ସମୟରେ ଆଗ୍ରହୀ ପୁରାତନ ଛାତ୍ରୀଛାତ୍ର, ଜିଲାର ମାନ୍ୟଗଣ୍ୟ ବ୍ୟକ୍ତି, ଜିଲା ପ୍ରଶାସନର ଉଚ୍ଚ ଅଧିକାରୀଙ୍କୁ ନେଇ ଏକ ସର୍ବସମ୍ମତ କ୍ରମେ କମିଟି ଗଠନ କରାଯିବା ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ପରବର୍ତ୍ତୀ ବୈଠକରେ କମିଟି ଗଠନ କରାଯିବ ଏବଂ ସ୍ୱର୍ଣ୍ଣ ଜୟନ୍ତୀ ପାଳନର ବୃତାନ୍ତ ରୂପରେଖ ଉକ୍ତ କମିଟିର ନିଷ୍ପତ୍ତିଅନୁଯାୟୀ ନିଆଯିବ। ମହାବିଦ୍ୟାଳୟର ସମସ୍ତ ପୁରାତନ ଛାତ୍ରୀ ଛାତ୍ରଙ୍କୁ ଜୟନ୍ତୀ ପାଳନରେ ସାମିଲ ହୋଇ ସମସ୍ତ ପ୍ରକାର ସହଯୋଗ କରିବାକୁ ଏହି ପ୍ରାକ ପ୍ରସ୍ତୁତି ବୈଠକରେ ଅନୁରୋଧ କରାଯାଇଛି। ୧୪ ତାରିଖରେ ମହାବିଦ୍ୟାଳୟ ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ହେବାକୁ ଥିବା ରକ୍ତଦାନ ଶିବିରରେ ସମସ୍ତଙ୍କ ଉପସ୍ଥିତି ଓ ସହଯୋଗ କାମନା କରିଛନ୍ତି ମହାବିଦ୍ୟାଳୟ ଅଧ୍ୟକ୍ଷ। ସ୍ୱର୍ଣ୍ଣ ଜୟନ୍ତୀ ପାଳନ ସମ୍ବନ୍ଧରେ ପ୍ରତି ସପ୍ତାହରେ ଆଭାସୀ କାର୍ଯ୍ୟକ୍ରମ ଜରିଆରେ ବୈଠକ ଅନୁଷ୍ଠିତ ହେବ ଏବଂ ପର୍ଯ୍ୟାୟକ୍ରମେ ବୈଠକ ମାନ ଅନୁଷ୍ଠିତ ହେବ। ଏଥିରେ ସମସ୍ତ ପୁରାତନ ଛାତ୍ରୀଛାତ୍ର ଯୋଗ ଦେବେ। ଏହି ବୈଠକରେ ଅଧ୍ୟାପକ ଦିଲ୍ଲୀପ ହୋତା, ଅଧ୍ୟାପିକା ସଙ୍ଗୀତା ତ୍ରିପାଠୀ, ମନୋଜ ପଟ୍ଟନାୟକ, ଜିଲା ଆଇନଜୀବୀ ସଂଘ ସମ୍ପାଦକ ରାମ ପ୍ରସାଦ ପାତ୍ର, ବୁଲୁ ହୋତା, ଦୁର୍ଗା ପ୍ରସାଦ ପାଢ଼ୀ, ସରୋଜ ପାତ୍ର, ଅଧ୍ୟାପକ ଅଖିଳ ଭଞ୍ଜ, ବିକ୍ରମ ଦାଶ, ବ୍ୟୋମକେଶ ବେହେରା, ସାନମୁଗା ପାତ୍ର, ସୁଜିତ୍ କୁମାର ପାଢ଼ୀ, ନିରଞ୍ଜନ ତ୍ରିପାଠୀ, ରବୀନ୍ଦ୍ର ପ୍ରସାଦ ମହାପାତ୍ର, ଡାବୁଗାଁ ମହାବିଦ୍ୟାଳୟ ଅଧ୍ୟକ୍ଷ ଶଶାଙ୍କ ଶେଖର ତ୍ରିପାଠୀ, ଜି.ଭି.ଭି ରବି ପ୍ରସାଦ ପ୍ରମୁଖ ଉପସ୍ଥିତ ଥିଲେ ।




ପ୍ରସ୍ତୁତି ବୈଠକରେ ଉପସ୍ଥିତ ଅତିଥିମାନେ।

### ଦୁର୍ଘଟଣାରେ ଜଣେ ମୃତ

ପୋଲସରା,୩।୭(ଡି.ଏନ.ଏ.)

ପୋଲସରା ଥାନା ଅଧୀନ ପାଣ୍ଡିରିପଡ଼ା ପଞ୍ଚାୟତରେ ଏକ ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ହେଲେ କବିସୂର୍ଯ୍ୟନଗର ଥାନା ଅଞ୍ଚଳ ଦେଓଗାଁର ବାପୁଜୀ ପୋଲେଇ ଓ ଆହତ ଜଣକ ନାରାୟଣ ପ୍ରଧାନ। ସେମାନେ ଭୋଜିଖାଇ ଫେରୁଥିବାବେଳେ ବଡ଼ତଇଲା ଗ୍ରାମ ନିକଟରେ ତାଙ୍କ ବାଇକ ଗୋଟିଏ ଗଛକୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ଉଭୟେ ଗୁରୁତର ଭାବେ ଆହତ ହୋଇଥିଲେ। ଆହତମାନଙ୍କୁ ପ୍ରଥମେ ପାଣ୍ଡିରିପଡ଼ା ଉପ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ପୋଲସରା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ଜଙ୍ଗଲକୁ ସୁରକ୍ଷା ଦେଇ ଚାରାରୋପଣ ଉପରେ ଗୁରୁତ୍ୱ

ପାପଡାହାଣ୍ଡି,୩।୭(ଡି.ଏନ୍.ଏ.)



ଚାରା ରୋପଣ କରାଯାଉଛି।

**ବେଗିଗାଁରେ ୭୩ତମ ବନ ମହୋତ୍ସବ**

ନବରଙ୍ଗପୁର ଜିଲା ପାପଡାହାଣ୍ଡି ବ୍ଲକ ତଥା ଡାବୁଗାଁ ବନାଞ୍ଚଳ ଅଧୀନ ଜଟାବାଲ ପ୍ରସ୍ତାବିତ ବେଗିଗାଁ ସଂରକ୍ଷିତ ଜଙ୍ଗଲରେ ବନ ବିଭାଗ ତରଫରୁ ୭୩ତମ ବନ ମହୋତ୍ସବ ପାଳନ କରାଯାଇଛି। ଫରେଷ୍ଟର ଧର୍ମୁଜୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପାତ୍ରୀ ସରପଞ୍ଚ ଭଗବତୀ ଭତରା, ଡାବୁଗାଁ ରେଞ୍ଜର ସେତୁରଞ୍ଜନୀ ଗମାଙ୍ଗ ଯୋଗ ଦେଇଥିଲେ। ଏହି ଅବସରରେ ଆୟୋଜିତ ସଭାରେ ଅତିଥିମାନେ ଜଙ୍ଗଲ ସୁରକ୍ଷା ସହ ଚାରା ରୋପଣ ପାଇଁ ଗୁରୁତ୍ୱ ଦେବା, ସମସ୍ତେ ଗଛ ଲଗେଇବା, ଗଛର ଯତ୍ନନେବା ପାଇଁ ସଚେତନ କରିଥିଲେ। ବେଗିଗାଁ ସଂରକ୍ଷିତ ଜଙ୍ଗଲରେ ୨ହେକ୍ଟର ଜଙ୍ଗଲ ଜାଗାରେ ୪୦୦ ଚାରା ଲଗାଯାଇଥିଲା। ଏହି ବର୍ଷ ୫୦ ହେକ୍ଟର ଜଙ୍ଗଲ ଜମିରେ ୧୦ ହଜାର ଚାରା ଲଗାଯିବ ବୋଲି ବନ ବିଭାଗ ପକ୍ଷରୁ ସୂଚନା ମିଳିଛି। ଉକ୍ତ କାର୍ଯ୍ୟକ୍ରମରେ ବନରକ୍ଷୀ ସୁଶାନ୍ତ ସିଂ, ସ୍ରୋଧା ସାନ୍ତା, ରଞ୍ଜିତା ମହାପାତ୍ର, ଜାନିଗୁଡା ବନ ସୁରକ୍ଷା ସମିତି, ଗ୍ରାମ ବିକାଶ ସଂଗଠନ ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।

# ରାସ୍ତାକଡ଼ରେ ମହିଳାଙ୍କ ପ୍ରସବ

ଚନ୍ଦାହାଣ୍ଡି, ୩।୭(ଡି.ଏନ୍.ଏ.)

■ ଆସିପାରିଲାନି ଆମ୍ବୁଲାନ୍ସ, କାଦୁଅ ରାସ୍ତାରେ ଚାଲିଚାଲି ଗଲେ ଗର୍ଭବତୀ

■ ଚନ୍ଦାହାଣ୍ଡିରେ ପୁଣି ଜନନୀ ଯନ୍ତ୍ରଣା

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ପୁଣି ଜନନୀ ଯନ୍ତ୍ରଣା। ଖରାପ ରାସ୍ତା ଯୋଗୁ ଗାଁକୁ ଆସିପାରିଲାନି ଆମ୍ବୁଲାନ୍ସ। ଆମ୍ବୁଲାନ୍ସ ପର୍ଯ୍ୟନ୍ତ ଚାଲିକି ଯିବାବେଳେ ଗର୍ଭବତୀ ଜଣଙ୍କ ରାସ୍ତାକଡ଼ରେ ପ୍ରସବ କରିଛନ୍ତି। ଏହା ହେଉଛି ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପାଟଖଲିଆ ପଞ୍ଚାୟତ ଅଧୀନ ଗୋରଝରିଆ ଗ୍ରାମର ଘଟଣା।



ରାସ୍ତା କଡ଼ରେ ନବଜାତକକୁ ଧରି ମହିଳାମାନେ ବସିଛନ୍ତି।

ଗୋରଝରିଆ ଗ୍ରାମର ଯୁଗେଶ୍ୱର ଗୌଡ଼ଙ୍କ ସ୍ତ୍ରୀ ରମୁଲାଙ୍କ ପ୍ରସବ ବେଦନା ହେବାରୁ ପରିବାର ଲୋକେ ଆମ୍ବୁଲାନ୍ସ ଡକାଇଥିଲେ। ତେବେ ଗୋରଝରିଆ ରାସ୍ତା କାଦୁଅ ପଚପଚ ଥିବାରୁ ଗାଁକୁ ଆମ୍ବୁଲାନ୍ସ ଯାଇ ନ ଥିଲା। ପରିବାର ଲୋକେ ବାଧ ହୋଇ ରମୁଲାଙ୍କୁ ଚଲାଇ ଚଲାଇ କାଦୁଅ ରାସ୍ତା ପାର କରାଉଥିବାବେଳେ ସେ ରାସ୍ତା କଡ଼ରେ ହିଁ ସନ୍ତାନ ଜନ୍ମ ଦେଇଥିଲେ। ଉକ୍ତ ଖବରପାଇ ପାଟଖଲିଆ ସମିତି ସଭ୍ୟ ତୁରନ୍ତ ନିଜ ଗାଡି ପଠାଇ ମା ଓ ଶିଶୁକୁ ଚନ୍ଦାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ଏହି ଘଟଣା ପାଟଖଲିଆ ପଞ୍ଚାୟତ ପାଇଁ ନୂଆ ନୁହେଁ। ଏଥିପୂର୍ବରୁ ମଧ୍ୟ ଏପରି ଘଟଣା ଘଟିଛି। ପ୍ରଶାସନ, ସ୍ଥାନୀୟ ବିଧାୟକ, ଏମ୍‌ପି ରାସ୍ତା ନିର୍ମାଣ ପାଇଁ ଉଦ୍ୟମ କରୁନଥିବା ପାଟଖଲିଆ ସମିତିସଭ୍ୟା ନିରୁପମା ଧୁରୁଆ ଏବଂ ପିସିସି ସମ୍ପାଦକ କ୍ଷେମରାଜ ବାଘ ଅଭିଯୋଗ କରିଛନ୍ତି।

# ଉଦ୍‌ଘାଟନର ୭ମାସ ପରେ ରାସ୍ତା ଫାଟି ଆଁ

ଝରିଗାଁ, ୩।୭(ସ୍ୱ.ପ୍ର.)



ବଞ୍ଜାରି ସେତୁ ରାସ୍ତା ଭୁଶୁଡି ପଡିଛି ।

**ବିପଦସଙ୍କୁଳ ଅବସ୍ଥାରେ ବଞ୍ଜାରି ସେତୁ**

ଦୁର୍ଗମ ଅଞ୍ଚଳର ବିକାଶ ତଥା ପକ୍କାରାସ୍ତା ନିର୍ମାଣ ପାଇଁ ରାଜ୍ୟ ସରକାରଙ୍କ ଉପାନ୍ତ ଯୋଜନା ରହିଛି। ନବରଙ୍ଗପୁର ଜିଲା ଝରିଗାଁ ବ୍ଲକର ବହୁ ଦୁର୍ଗମ ଇଲାକାକୁ ଏମ୍‌ପି ରମେଶ ଚନ୍ଦ୍ର ମାଝିଙ୍କ ପ୍ରଚେଷ୍ଟାରେ ରାସ୍ତା ହୋଇଛି। କିନ୍ତୁ ଡିଆର୍‌ଡିଏ ବିଭାଗର ତଦାରଖ ଅଭାବ ଯୋଗୁ ଉଦ୍‌ଘାଟନର ୭ ମାସ ପରେ କଂକ୍ରିଟ୍ ରାସ୍ତା ଫାଟି ଆଁ ହୋଇଛି। ଏଥିସହ ଚଳିତ ବର୍ଷାରେ ବହୁ ସ୍ଥାନରେ କଂକ୍ରିଟ୍ ରାସ୍ତା ତଳୁ ମାଟି ଖସିଯାଇଛି। ଫଳରେ ସେହି ରାସ୍ତାରେ କୌଣସି ଭାରିଯାନ ଧରି ଯାତାୟାତ କରିବା ବିପଦସଙ୍କୁଳ ବୋଲି ଗ୍ରାମବାସୀ କହିଛନ୍ତି। ସେହିପରି ନବନିର୍ମିତ ସେତୁର ଚାରି ପାର୍ଶ୍ୱରେ ଖାଲ ରହିଛି। ଏହା କେବିଡ଼ିରୁ କରାଡଙ୍ଗରୀ ରାସ୍ତାର ଦୃଶ୍ୟ।

୨୦୧୯ରେ ରାଜ୍ୟ ସରକାରଙ୍କ ଉପାନ୍ତ ଯୋଜନାରେ କେବିଡି–କରାଡଙ୍ଗରୀ ରାସ୍ତା ନିର୍ମାଣ କରାଯିବା ସକାଶେ ୧କୋଟି ୫୫ ଲକ୍ଷ ୬୯ ହଜାର ୪୮୬ଟଙ୍କା ଚୁକ୍ତିନାମା ମୂଲ୍ୟ ରହିଛି। ଏହି ରାସ୍ତା ହେବା ଦ୍ୱାରା ଟିକିଲି, କର୍ଲାମାଲ, କରାଡଙ୍ଗରୀ, କେବିଡି, ଧୁମାମ୍, ଗୋଇଚଚରା ଆଦି ଗ୍ରାମର ଲୋକେ ଉପକୃତ ହୋଇପାରିଛନ୍ତି। ସେହି ରାସ୍ତାରେ ରହିଥିବା ବଞ୍ଜାରି ନଦୀରେ ଏକ ସେତୁ ନିର୍ମାଣ କରାଯାଇଛି। ସେତୁର ୪୩.୭୧ ମିଟର ଲମ୍ବ ଏବଂ ୭.୫୦ ମିଟର ପ୍ରସ୍ଥ ରହିଛି। ଏହାର ବ୍ୟୟ ଅଟକଳ ୧କୋଟି ୭୯ ଲକ୍ଷ ୫୯ହଜାର ୭୩୧ ଟଙ୍କା। ଉପାନ୍ତ ଯୋଜନାରେ ହୋଇଥିବା ଉକ୍ତ ସେତୁଟି ଏମ୍‌ପି ରମେଶ ଚନ୍ଦ୍ର ମାଝି ଏବଂ ଝରିଗାଁ ବିଧାୟକ ପ୍ରକାଶ ଚନ୍ଦ୍ର ମାଝିଙ୍କ ଦ୍ୱାରା ଚଳିତ ବର୍ଷ ଜାନୁୟାରୀ ୪ ତାରିଖରେ ଉଦ୍‌ଘାଟନ କରାଯାଇଥିଲା। ହେଲେ ଏହାର ୭ ମାସ ପରେ ସେତୁଟିର ଚତୁଃପାର୍ଶ୍ୱରେ ମାଟି ଖସି ଖାଲ ସୃଷ୍ଟିହୋଇଛି। ଫଳରେ ସେହିରାସ୍ତାରେ ଯାତାୟାତ କରୁଥିବା ଲୋକେ ଦୁର୍ଘଟଣାକୁ ଆପଣାଇବା ଛଡ଼ା ଆଉ କିଛି ଉପାୟ ନାହିଁ ବୋଲି ନିଜ ମତ ରଖିଛନ୍ତି। ଏ ନେଇ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ଅର୍ଜୁନ କିଷାନଙ୍କୁ ପଚାରିବାରୁ, ଘଟଣା ସମ୍ପର୍କରେ ଅବଗତ ହେଲି, ସମସ୍ୟାକୁ ନେଟ୍ କରୁଛି। ତୁରନ୍ତ କିପରି ଏହାର ସମାଧାନ ହୋଇପାରିବ ସେ ଦିଗରେ ଦୃଷ୍ଟି ଦେବୁ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ପ୍ରୀତିଧାରା ସାମଲଙ୍କୁ କାଦମ୍ବିନୀ କବିତା ସମ୍ମାନ



କୋରାପୁଟ,୩ା୭(ସ୍ୱ.ପ୍ର.)- ପ୍ରତିଷ୍ଠିତ ମାସିକ ସାହିତ୍ୟ ପତ୍ରିକା କାଦମ୍ବିନୀର ସ୍ୱନକ୍ଷତ୍ର ଦିବସ ଭୁବନେଶ୍ୱରସ୍ଥିତ ରବୀନ୍ଦ୍ର ମଣ୍ଡପଠାରେ ଶନିବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ କବୟିତ୍ରୀ ଡ. ପ୍ରୀତିଧାରା ସାମଲଙ୍କୁ ଚଳିତ ବର୍ଷର କାଦମ୍ବିନୀ କବିତା ସମ୍ମାନ ପ୍ରଦାନ କରାଯାଇଛି। ଭୁବନେଶ୍ୱର ରବୀନ୍ଦ୍ରମଣ୍ଡପଠାରେ ଆୟୋଜିତ ଉତ୍ସବରେ କିସ୍ ବିଶ୍ୱବିଦ୍ୟାଳୟର କୁଳାଧିପତି ସତ୍ୟ. ଏସ ତ୍ରିପାଠୀ ଅଧକ୍ଷତା କରିଥିଲେ। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ମୁଖ୍ୟ ଅତିଥି, ସମ୍ମାନିତ ଅତିଥିଭାବେ ଏମ୍‌ପି ତଥା କାଦମ୍ବିନୀର ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତ, ସମ୍ପାଦିକା ଇତିରାଣୀ ସାମଲ, ସମାଜର ପ୍ରକାଶକ ନିରଞ୍ଜନ ରଥ, କଣ୍ଠଶିଳ୍ପୀ ପ୍ରଣବ ପଟ୍ଟନାୟକ ଉପସ୍ଥିତ ଥିଲେ।

### ଲଜ୍‌ରୁ ବ୍ୟବସାୟୀଙ୍କ ମୃତଦେହ ଜବତ

ଜୟପୁର, ୩ା୭ (ନି.ପ୍ର.)- ଏମଜି ରୋଡରେ ଥିବା ଉଡଲାଣ୍ଡ ଲ୍‌ଜରୁ ଜଣେ ବ୍ୟବସାୟୀଙ୍କ ମୃତଦେହକୁ ରବିବାର ଟାଉନଥାନା ପୋଲିସ ଜବତ କରିଛି। ମାଲକାନଗିରି ଜିଲା ଖଇରପୁଟର ଗତିକୃଷ୍ଣ ପୁଷ୍ଟି (୪୮) ବଣିଆ ଭାବେ କାର୍ଯ୍ୟ କରୁଥିଲେ ସେ ଜୟପୁର ଆସି ଏହି ଲ୍‌ଜରେ ରହୁଥିଲେ। ସକାଳେ ସେ ରହୁଥିବା ୧୦୮ ନମ୍ବର ରୁମ୍‌ରେ ପାଇପ ଖୋଲାଥିବା ଦେଖି ଲଜ୍ କର୍ମଚାରୀ କବାଟ ଖଡଖଡ କରି ତାଙ୍କୁ ଡାକିଥିଲେ। ମାତ୍ର ଗତିକୃଷ୍ଣ କବାଟ ଖୋଲି ନ ଥିଲେ। ଏନେଇ ସନ୍ଦେହ ହେବାରୁ ଲଜ୍ ମାଲିକ ଟାଉନଥାନାକୁ ଜଣାଇଥିଲେ। ପୋଲିସ ପହଞ୍ଚି କବାଟ ଭାଙ୍ଗି ଦେଖିବା ବେଳକୁ ଗତିକୃଷ୍ଣଙ୍କ ମୃତ୍ୟୁ ହୋଇଥିବା ଜଣାପଡିଥିଲା। ୨୦/୨୨ ଏକ ଅପମୃତ୍ୟୁ ମାମଲା ରୁଜୁ କରି ପୋଲସ ତଦନ୍ତ ଜାରି ରଖିଛି। ଜିଲା ଚିକିତ୍ସାଳୟରେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ରବିବାର ହସ୍ତାନ୍ତର କରାଯାଇଛି।

### ବାଇକ୍‌କୁ ଧକ୍କା ଦେଲା ବୋଲେରୋ, ଜଣେ ଗୁରୁତର

ଜୟପୁର, ୩ା୭ (ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ପାତ୍ରପୁଟଠାରେ ରବିବାର ଏକ ବାଇକ୍‌କୁ ବୋଲେରୋ ଧକ୍କା ଦେଇଛି। ଫଳରେ ଜଣେ ଗୁରୁତର ଆହତ ହୋଇଛନ୍ତି। ସେ ହେଲେ ଜୟପୁର ସଦର ଥାନା ଅନ୍ତର୍ଗତ ମହାଲିଆପୁଟ ଗ୍ରାମର ଆନନ୍ଦ ନାୟକ। ଆନନ୍ଦ ବାଇକ ଯୋଗେ ବୈପାରିଗୁଡା ରାସ୍ତାରେ ଯାଉଥିବା ବେଳେ ତାଙ୍କୁ ବୋଲେରୋ ପଛପଟୁ ଧକ୍କା ଦେଇଥିଲା। ଖବରପାଇ ପୋଲିସ ପହଞ୍ଚି ବାଇକ ଓ ବୋଲେରୋକୁ ଜବତ କରିଛି। ଏକ ଦୁର୍ଘଟଣା ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ଆନନ୍ଦ ଜିଲା ମୁଖ୍ୟ ଚିକିତ୍ସାଳୟର ଚିକିତ୍ସିତ ହେଉଛନ୍ତି।

### ଅବକାରୀ ଚଢାଉ

ଜୟପୁର, ୩ା୭ (ନି.ପ୍ର.)- ଜୟପୁର ସଦର ଥାନା ଅନ୍ତର୍ଗତ ପାଲିଗୁଡା ନିକଟ ଜଙ୍ଗଲରେ ଅବକାରୀ ବିଭାଗ ଚଡାଉ ମଦ ଓ ପୋଚ ଜବତ କରିଛି। ସୂଚନା ପାଇ ମଦ ବ୍ୟବସାୟୀମାନେ ଫେରାର ହୋଇଯାଇଛନ୍ତି। କର୍ମଚାରୀମାନେ ମଦ ଭାଟି ଭାଙ୍ଗିବା ସହ ଘଟଣା ସ୍ଥଳରୁ ଜବତ ପୋଚ ଓ ଦେଶୀ ମଦକୁ ନଷ୍ଟ କରି ଦେଇଚନ୍ତି। ଡ୍ରମ, ମଦ ରନ୍ଧା ସରଞ୍ଜାମ ମଧ ଜବତ ହୋଇଛି।

### ୫୫ ୟୁନିଟ ରକ୍ତ ସଂଗ୍ରହ

ସୁନାବେଢ଼ା,୩ା୭(ସ୍ୱ.ପ୍ର.)- ସୁନାବେଢ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ଜିଲ୍ଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର ସହଯୋଗରେ ହୋଇଥିବା ଏହି ଶିବିରକୁ ପୌରାଧକ୍ଷ ଡ. ରାଜେନ୍ଦ୍ର କୁମାର ପାତ୍ର ଉଦ୍‌ଘାଟନ କରିଥିଲେ। ଜିଲା ରକ୍ତଦାତା ଓ ପ୍ରବର୍ତ୍ତକ ଫୋରମର କର୍ମକର୍ତ୍ତା ଡ. ଉମା ଶଙ୍କର ପ୍ରସାଦ ପାତ୍ର, ଗୋବିନ୍ଦ ବଲ୍ଲଭ ପାଢ଼ୀ, ଶେଖ ଇବ୍ରାହିମ, ବିଜୟ ସାହୁ, ଚିନ୍ତା ମଣି ପୃଷ୍ଟି, ଆନନ୍ଦ ମୌଳି ପଟ୍ଟନାୟକ, ସେମିଳିଗୁଡା ବରିଷ୍ଠ ନାଗରିକ ସଂଘ କର୍ମକର୍ତ୍ତା ବିନୟ ଚନ୍ଦ୍ର ପଟ୍ଟନାୟକ, ପ୍ରତାପ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରୁ ୫୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ସୂଚନାଯୋଗ୍ୟ, ସମାଜିକ କର୍ମୀ ଦୁର୍ଗା ପ୍ରସାଦ ପାତ୍ରଙ୍କ ୬୪ ତମ ଜନ୍ମଦିନ ପାଳନ ଅବସରରେ ଏହି ଶିବିର ହୋଇଥିଲା। ସନ୍ଦୀପ ପାତ୍ର, ଅର୍ଚ୍ଚନା ପାତ୍ର, ସୁଶାନ୍ତ ପଣ୍ଡା, ସର୍ଣ୍ଣଲତା ପଣ୍ଡା, ସ୍ନିଗ୍ଧାରାଣୀ ମିଶ୍ର, କେ.ପାତ୍ର ପ୍ରମୁଖ ସହଯୋଗ କରିଥିଲେ।

# ପୋଖରୀ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ନିମ୍ନମାନର ଅଭିଯୋଗ

ଏମ୍‌ଭି ୭୯,୩ା୭(ଡି.ଏନ.ଏ.)


ଗ୍ରାମବାସୀ ନିମ୍ନମାନର କାର୍ଯ୍ୟକୁ ଦେଖାଉଛନ୍ତି।

**ଅମୃତ ସରୋବର ଯୋଜନା**
- ଗ୍ରାମବାସୀଙ୍କ ମତକୁ ଗୁରୁତ୍ୱ ଦେଇନାହାନ୍ତି ଅଧିକାରୀ
- ବାଲି, ଗୋଡ଼ି ଓ ସିମେଣ୍ଟ ଅନୁପାତରେ କମ୍ କରାଯାଉଛି
- ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିବି: ଯନ୍ତ୍ରୀ

ଗ୍ରାମାଞ୍ଚଳର ପରିବେଶକୁ ସୁନ୍ଦର ସ୍ୱଚ୍ଛ କରି ପରିବେଶ ସଂରକ୍ଷଣକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଅମୃତ ସରୋବର ଯୋଜନା ଆରମ୍ଭ ହୋଇଥିଲା। ଏହି ଯୋଜନାରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଗ୍ରାମାଞ୍ଚଳରେ ନୂତନ ପୋଖରୀ ଖନନ ସହ ପୁନରୁଦ୍ଧାର କରାଯାଉଛି। ମାଲକାନଗିରି ଜିଲା କାଲିମେଳା ବ୍ଲକ ତଣ୍ଡାବାଇ ପଞ୍ଚାୟତ ଅନ୍ତର୍ଗତ ଏମଭି–୭୯ଠାରେ ଏକ ପୋଖରୀ ପୁନରୁଦ୍ଧାର କରାଯାଉଛି। ତେବେ ନିର୍ମିତ କିମ୍ବା ପୁନରୁଦ୍ଧାର ହେଉଥିବା ପୋଖରୀଗୁଡିକର କାର୍ଯ୍ୟର ମାନକୁ ନେଇ ଏବେ ପ୍ରଶ୍ନ ଉଠିଛି। ଗ୍ରାମରେ ଅମୃତ ସରୋବର ଯୋଜନାରେ ସୌନ୍ଦର୍ଯ୍ୟକରଣ କରାଯାଉଥିବା ପୋଖରୀ କାମ ଅତ୍ୟନ୍ତ ନିମ୍ନମାନର ହୋଇଥିବା ଅଭିଯୋଗ କରିଛନ୍ତି। ଠିକାଦାର ଓ ପ୍ରଶାସନିକ ଅଧିକାରୀଙ୍କ ଅବହେଳା ଯୋଗୁ ବ୍ୟୟ ହେଉଥିବା ଅର୍ଥ ପାଣିରେ ପଡିବ ବୋଲି ଗ୍ରାମର ଅଜିତ ବର୍ମନ, ବୁଲେନ କୁଣ୍ଡୁ, ପ୍ରେମ ବାରୋଇ, ସଞ୍ଜୟ କୁଣ୍ଡୁ, ମହାଦେବ ମଣ୍ଡଳ, ଗୋଲକ ରାୟ, ମହାଦେବ ବିଶ୍ୱାସଙ୍କ ସମେତ ଗ୍ରାମବାସୀ କହିଛନ୍ତି। ୩୨୬ ନଂ ଜାତୀୟ ରାଜପଥ କଡରେ ଥିବା ଏହି ପୋଖରୀର ନିର୍ମାଣ କାର୍ଯ୍ୟରେ ବାଲି, ଗୋଡ଼ି ଓ ସିମେଣ୍ଟର ଅନୁପାତରେ କମ୍ କରାଯାଉଛି। ଶନିବାର କାର୍ଯ୍ୟକୁ ବିଭିନ୍ନ ଅଧିକାରୀ ବୁଲି ଦେଖିବା ବେଳେ ନିର୍ମାଣ କାର୍ଯ୍ୟ ନେଇ ସ୍ଥାନୀୟ ସରପଞ୍ଚ, ଜନପ୍ରତିନିଧି ଓ ସ୍ଥାନୀୟ ଲୋକେ ସେମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନିମ୍ନମାନର କାର୍ଯ୍ୟ ହୋଇଥିବା ନେଇ ଅଭିଯୋଗ କରିଥିଲେ। ଏହା ପରେ ମଧ ଅଧିକାରୀମାନେ କିଛି ପଦକ୍ଷେପ ନ ନେଇ ନୀରବଦ୍ରଷ୍ଟା ସାଜିଛନ୍ତି। ଏନେଇ ସ୍ଥାନୀୟ କନିଷ୍ଠଯନ୍ତ୍ରୀ ବସନ୍ତ କୁମାର ବେହେରାଙ୍କୁ ପଚାରିବାରୁ ସେ ଏହି କାମ ନିମ୍ନମାନର ହୋଇଥିବା ସ୍ୱୀକାର କରିଛନ୍ତି। ଏ ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି କହିଛନ୍ତି।

# କୋଟିଆ ଗ୍ରାମପୁଞ୍ଜ ଓଡ଼ିଶାର: ପଦ୍ମଶ୍ରୀ ବାବା ବଳିଆ

ଦାମନଯୋଡି,୩ା୭ (ଡି.ଏନ.ଏ.)


ଖବରଦାତା ସମ୍ମିଳନୀରେ ବାବା ବଳିଆ।

ପଦ୍ମଶ୍ରୀ ବାବା ବଳିଆ ଶନିବାର କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକର କୋଟିଆ ପଞ୍ଚାୟତକୁ ଗସ୍ତ କରି ଶ୍ରୀ ଜଗନ୍ନାଥଙ୍କୁ ଦର୍ଶନ କରିବା ସହ ରଥଯାତ୍ରାରେ ସାମିଲ ହୋଇ ପ୍ରବଚନ ଦେଇଥିଲେ। ରବିବାର ଦାମନଯୋଡିରେ ରହଣି ବେଳେ ନାଲ୍‌କୋ ଗେଷ୍ଟ ହାଉସ୍‌ରେ ଏକ ଖବରଦାତା ସମ୍ମିଳନୀରେ କୋଟିଆ ଉପରେ ନିଜ ମତ ରଖିଛନ୍ତି। ସେ କୋଟିଆ ଗ୍ରାମପୁଞ୍ଜ ଓଡ଼ିଶାର ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଆନ୍ଧ୍ର ସରକାର ଅଯଥା କୋଟିଆ ଭିତରେ ପଶିବା ପାଇଁ ଚେଷ୍ଟା କରୁଛନ୍ତି। ଯେତେ ଯାହା କଲେ ମଧ କୋଟିଆକୁ ଆନ୍ଧ୍ର ଓଡ଼ିଶାରୁ ଛଡ଼ାଇ ନେଇପାରିବ ନାହିଁ। ୧୯୬୦ରୁ କୋଟିଆକୁ ନେଇ ଆନ୍ଧ୍ର-ଓଡ଼ିଶା ବିବାଦ ରହିଛି। ଏହାର ସମାଧାନ ଦୁଇ ରାଜ୍ୟର ମୁଖ୍ୟମନ୍ତ୍ରୀ ବସି ସମାଧାନ କରିପାରିବେ। ସୁପ୍ରିମକୋର୍ଟରେ ମଧ ଏହାର ସମାଧାନ ହୋଇପାରିବ ବୋଲି ସେ କହିଛନ୍ତି। ଓଡ଼ିଶା ସରକାର କୋଟିଆରେ ଯଥେଷ୍ଟ ଉନ୍ନତିମୂଳକ କାର୍ଯ୍ୟ କରିଥିବା ସୂଚନା ଦେଇ ବାବା ବଳିଆ କହିଛନ୍ତି ଯେ, କୋଟିଆରେ ବସବାସ କରୁଥିବା ଅଧିକାଂଶ ଲୋକ ଆଦିବାସୀ। ସେଠାରେ ନିରୀହ ଆଦିବାସୀମାନଙ୍କୁ ପ୍ରଲୋଭିତ କରି ଧର୍ମାନ୍ତରୀକରଣ କରାଯାଉଛି। କୋରାପୁଟ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବା ଆବଶ୍ୟକ। ଆଗାମୀ ଦିନରେ କୋଟିଆ ଭାରତର ପ୍ରମୁଖ ପର୍ଯ୍ୟଟନ ସ୍ଥଳୀର ମାନ୍ୟତା ପାଇପାରିବ। ଏହି ଅବସରରେ ସେ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ବୃକ୍ଷରୋପଣ ସହ ଏହାର ସଂରକ୍ଷଣ ଉପରେ ଗୁରୁତ୍ୱାରୋପ କରିବା ସହ ଭୋଟର ମାନେ ପ୍ରଭାବିତ ନ ହୋଇ ଉତ୍ତମ ଜନପ୍ରତିନିଧିଙ୍କୁ ବାଛିଲେ ସୁସ୍ଥ ଗଣତନ୍ତ୍ର ପ୍ରତିଷ୍ଠା ହୋଇପାରିବ ବୋଲି କହିଥିଲେ।


ରବିବାର କୋରାପୁଟ ଶାବର ଶ୍ରୀକ୍ଷେତ୍ର, ଜୟପୁର ଓ ଦାମନଯୋଡିରେ ମହାପ୍ରଭୁ କଚ୍ଛପ ଅବତାରରେ ଦର୍ଶନ ଦେଉଛନ୍ତି।

# ଦ୍ରୁତ ଗାଡ଼ିଚାଳନା, ସାଇବର ଅପରାଧ ଉପରେ ରହିବ ନଜର

ଦାମନଯୋଡି,୩ା୭(ଡି.ଏନ.ଏ.)–

**ଆମ ପୋଲିସ ସମିତି ବୈଠକ**

ଦାମନଯୋଡି ଆଦର୍ଶ ଥାନା ପକ୍ଷରୁ ଥାନା ଅଧିକାରୀ ଗୌରହରି ସାହୁଙ୍କ ଅଧ୍ୟକ୍ଷତାରେ 'ଆମ ପୋଲିସ ସମିତି' ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସ୍ଥାନୀୟ ଅଞ୍ଚଳର ସୁରକ୍ଷା, ବେପରୁଆ ଗାଡ଼ି ଚାଳନା, ଇଣ୍ଟରନେଟ ଓ ସାଇବର ଅପରାଧ, ଅସାମାଜିକ ପରିସ୍ଥିତି ଆଦି ସମସ୍ୟାକୁ କିପରି ସାଧାରଣ ଲୋକ ଏବଂ ପୋଲିସ ମିଳିତ ଭାବେ ସମାଧାନ କରିବେ ସେନେଇ ଆଲୋଚନା ହୋଇଥିଲା। ଇଣ୍ଟରନେଟ ଓ ସାଇବର ଅପରାଧ ସମ୍ପର୍କରେ ଲୋକେ ସଚେତନ ହେବା ଏବଂ ସେଭଳି ପରିସ୍ଥିତି ଆସିଲେ ପୋଲିସର ସହଯୋଗ ନେବା ପାଇଁ ସାହୁ ପରାମର୍ଶ ଦେଇଥିଲେ। ଅନ୍ୟ ପକ୍ଷରେ ଦ୍ରୁତ ଗତିରେ ଗାଡିଚାଳନା, ଗାଡିରୁ ବିଭିନ୍ନ ପ୍ରକାର ଶ୍ରୁତିକଟୁ ହର୍ନ ବଜାଇ ଲୋକଙ୍କୁ ଭୟଭୀତ କରାଯାଉଥିବା ଉପରେ ନଜର ରଖିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାବ୍ୟତୀତ ନାବାଳକ ପିଲାଙ୍କ ଗାଡ଼ିଚାଳନାକୁ ଦୃଷ୍ଟିରେ ରଖି ପ୍ରଥମେ ସେମାନଙ୍କୁ ସଚେତନ କରାଇ ପରେ ଅମାନିଆ ହେଲେ ଅଭିଭାବକଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସାହୁ କହିଥିଲେ। ବୈଠକରେ ମରିଚମାଳ ସରପଞ୍ଚ ଲକ୍ଷ୍ମୀ ମନ୍ତ୍ରିପୁଟିଆ, ଲିଟିଗୁଡ଼ା ସରପଞ୍ଚ ଅନ୍ତୁ ଜାନି, ମିଡିଆ ହାଉସର ସଭାପତି ନରସିଂହ ବ୍ରହ୍ମା, ସମ୍ପାଦକ ମାନସ ରଞ୍ଜନ କର, ଉପ ସଭାପତି ସୁଦର୍ଶନ ସେନାପତି, ସଦସ୍ୟା ଭାରତୀ ମିଶ୍ର,ଭେଜାପୁଟ ସିଦ୍ଧେଶ୍ୱର ବଣିକ ସଂଘ ସଭାପତି ବାବୁଲି ସ୍ୱାଇଁ, ଆଇନଜୀବୀ ସରସ୍ୱତୀ ପଟ୍ଟନାୟକଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ। ଏସଆଇ ଚମାର ନାୟକ, ଗୋଲାପ ସ୍ୱାଇଁ, ଏଏସଆଇ ଅନିମେଶ ଚନ୍ଦ୍ର ମାଳି ସହଯୋଗ କରିଥିଲେ।

# ରାମାଭରମ ଗ୍ରାମକୁ ରାଜସ୍ୱ ଗ୍ରାମ ଘୋଷଣା ନେଇ ପଲ୍ଲିସଭା

ମାଲକାନଗିରି,୩ା୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା ମୋଟୁ ତହସିଲ ଅନ୍ତର୍ଗତ ପୁସୁଗୁଡା ପଞ୍ଚାୟତର ରାମାଭରମ ଗ୍ରାମରେ ଏକ ପଲ୍ଲିସଭା ରବିବାର ଅନୁଷ୍ଠିତ ହୋଇଛି। ଏଥିରେ ଉପ ଜିଲାପାଳ ଅକ୍ଷୟ ଖେମୁଣ୍ଡୁ, ମୋଟୁ ଭାରପ୍ରାପ୍ତ ତହସିଲଦାର ଦୁର୍ଗା ପ୍ରସାଦ ଦୋରା, ସହକାରୀ ଜିଲାପାଳ ସ୍ନିଗ୍ଧା ଚୌଧୁରୀ ପ୍ରମୁଖ ଉପସ୍ଥିତ ଥିଲେ। ବର୍ତ୍ତମାନ ପ୍ରଶାସନ ପକ୍ଷରୁ ପ୍ରଥମ କରି ମାଲକାନଗିରି ଜିଲାରେ ଦୀର୍ଘ ବର୍ଷ ଧରି ରହି ଆସିଥିବା ପଡାଗ୍ରାମଗୁଡିକୁ ଚିହ୍ନଟ କରା ଯାଇ ରାଜସ୍ୱ ଗ୍ରାମରେ ପରିଣତ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି। ଏହି ପରିପ୍ରେକ୍ଷୀରେ ଛତିଶଗଡ ସୀମାନ୍ତକୁ ଲାଗିଥିବା ରାମାଭରମ ଗ୍ରାମର ଗ୍ରାମବାସୀଙ୍କୁ ନେଇ ସେମାନଙ୍କର ଗ୍ରାମ ସ୍ଥାପନ, ପରିବାର ସଂଖ୍ୟା, ପାରିପାର୍ଶ୍ୱିକ ସ୍ଥିତି ସମ୍ପର୍କରେ ପଲ୍ଲିସଭା ଆୟୋଜନ କରି ଆଲୋଚନା କରାଯାଇଥିଲା। ସଭାରେ ଗ୍ରାମର ସମସ୍ତ ମହିଳା ପୁରୁଷ, ଗ୍ରାମ ମୁଖିଆ ଉପସ୍ଥିତ ରହି ସେମାନଙ୍କ ଗ୍ରାମ ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାମବାସୀଙ୍କ ସମସ୍ତ ଅଭି ଯାଗ, ଗ୍ରାମର ସ୍ଥିତି ନେଇ ସମୀକ୍ଷା କଲା ପରେ ଏହାକୁ ରାଜସ୍ୱ ଗ୍ରାମ ଭାବେ ଘୋଷଣା କରାଯିବ ବୋଲି ଉପଜିଲାପାଳ ଖେମୁଣ୍ଡୁ ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ, ଆଗାମୀ ଦିନରେ ଜିଲାର ସବୁ ଅଞ୍ଚଳରେ ଥିବା ପଡା ଗ୍ରାମ ଗୁଡିକର ସ୍ଥିତି ସମୀକ୍ଷା କରାଯାଇ ରାଜସ୍ୱ ଗ୍ରାମ ଘୋଷଣା କରାଯିବା ଦିଗରେ ଜିଲା ପ୍ରଶାସନ ପଦକ୍ଷେପ ନେଉଛି।

# ପ୍ରଧାନ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ମାଲକାନଗିରି,୩ା୭ (ଡି.ଏନ୍.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ କୋରୁକୋଣ୍ଡା ପଞ୍ଚାୟତ ଅନ୍ତର୍ଗତ କୋଇଲିପାରି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ପଟ୍ଟନାୟକଙ୍କୁ ଶନିବାର ବିଦ୍ୟାଳୟ ଓ ପରିଚାଳନା କମିଟି ପକ୍ଷରୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନିରଞ୍ଜନ ପଣ୍ଡାଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ସଭାରେ ସିଆରସିସି ସୋମନାଥ ମାଡକାମି, ସରପଞ୍ଚ ପଦ୍ମା ମାଡକାମି, କୋଇଲିପାରି ଗ୍ରାମ ମୁଖିଆ ଇର୍ମା ମାଡକାମି ଅତିଥି ରୂପେ ଯୋଗ ଦେଇଥିଲେ। ଅତିଥିମାନେ ପଟ୍ଟନାୟକଙ୍କ ଦୀର୍ଘ ୪୦ ବର୍ଷର ଶିକ୍ଷକତା ଜୀବନ ଉପରେ ଆଲୋଚନା କରି ସେ ଜଣେ ପରୋପକାରୀ, ସମାଜସେବୀ ଭାବେ ଜିଲାରେ ବେଶ୍ ପରିଚିତ ଥିଲେ ବୋଲି ମତ ପ୍ରକାଶ କରିଥିଲେ। ଶିକ୍ଷକ ସୁଶୀଲ ପଣ୍ଡା ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମକୁ ଦୀପ୍ତି ଭୋଇ ପରିଚାଳନା କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ, ପରିଚାଳନା କମିଟି ସଦସ୍ୟ ଓ ଛାତ୍ରୀଛାତ୍ରମାନେ ଉପସ୍ଥିତ ଥିଲେ।

# ଉପ ଜିଲାପାଳଙ୍କ ଅନୁସୂଚିତ ଜାତି, ଜନଜାତି ଉଚ୍ଚ ବିଦ୍ୟାଳୟ ପରିଦର୍ଶନ

ମାଲକାନଗିରି,୩ା୭ (ଡି.ଏନ୍.ଏ.)

**ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମରେ ୨୪୩ ହିତାଧିକାରୀଙ୍କୁ ପଟ୍ଟା**

ମାଲକାନଗିରି ଜିଲା ପଡିଆ ସଦର ବ୍ଲକ ଅନୁସୂଚିତ ଜାତି ଓ ଜନଜାତି ଉଚ୍ଚ ବିଦ୍ୟାଳୟକୁ ମାଲକାନଗିରି ଉପଜିଲାପାଳ ଅକ୍ଷୟ ଖେମୁଣ୍ଡୁ ରବିବାର ପରିଦର୍ଶନ କରିଛନ୍ତି। ସେ ବିଦ୍ୟାଳୟର ମଧ୍ୟାହ୍ନ ଭୋଜ, ବିଦ୍ୟାଳୟ ପରିଚାଳନା ଓ ଛାତ୍ରାବାସରେ ରହୁଥିବା ଛାତ୍ରୀ ମାନଙ୍କ ସମ୍ପର୍କରେ ଶିକ୍ଷକ ଓ କର୍ମଚାରୀଙ୍କୁ ପଚାରି ବୁଝିଥିଲେ। ବିଦ୍ୟାଳୟରେ ଠିକ୍ ସମୟରେ ମଧ୍ୟାହ୍ନ ଭୋଜନ ପ୍ରଦାନ କରାଯାଉଛି କି ନାହିଁ ଏବଂ ଏହା ତାଲିକା ଅନୁଯାୟୀ ପ୍ରସ୍ତୁତ ହେଉଛି କି ନାହିଁ ସେନେଇ ବିଶେଷ ଗୁରୁତ୍ୱ ଦେଇଥିଲେ। ପରେ ସେ ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମରେ ଯୋଗ ଦେଇ ତାଣ୍ଡବାଇ ପଞ୍ଚାୟତର ୨୪୩ ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରିଥିଲେ। ଏଥିରେ ମୋଟୁ ଭାରପ୍ରାପ୍ତ ତହସିଲଦାର ଦୁର୍ଗା ପ୍ରସାଦ ଦୋରା ପ୍ରମୁଖ ଥିଲେ। ଆଗାମୀ ଦିନରେ ମୋଟୁ ତହସିଲ ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ମୋ ଗାଁ ମୋ ତହସିଲ କାର୍ଯ୍ୟକ୍ରମ କରାଯାଇ ଯେଉଁ ବ୍ୟକ୍ତିମାନେ ପଟ୍ଟା ପାଇନାହାନ୍ତି ସେମାନଙ୍କୁ ପଟ୍ଟା ପ୍ରଦାନ କରାଯିବ ବୋଲି ଦୋରା ପ୍ରକାଶ କରିଥିଲେ।



ବିଦ୍ୟାଳୟ ପରିଦର୍ଶନରେ ଆସିଥିବା ଉପ ଜିଲାପାଳ।

# ସ୍ୱାସ୍ଥ୍ୟସେବା ଶିବିର



ବିଧାୟକ ତାରାପ୍ରସାଦ ବାହିନୀପତି ଡାକ୍ତରଖାନା କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

ଜୟପୁର, ୩ା୭( ନି.ପ୍ର.)

ଜୟପୁର ନିକଟସ୍ଥ ଜଗଧାତ୍ରୀପୁର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରଠାରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଛି। ଜୟପୁରସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟ ପକ୍ଷରୁ ହୋଇଥିବା ଏହି ସ୍ୱାସ୍ଥ୍ୟ ଶିବିରକୁ ବିଧାୟକ ତାରା ପ୍ରସାଦ ବାହିନୀପତି ଉଦ୍‌ଘାଟନ କରିଥିଲେ। ବହୁ ସଂଖ୍ୟାରେ ଜନସାଧାରଣ ଚିକିତ୍ସା ଲାଗି ଡାକ୍ତରମାନଙ୍କ ପରାମର୍ଶ ନେଇଥିଲେ। ଚିକିତ୍ସାଳୟର ସୁପରିଣ୍ଟେଣ୍ଡେଣ୍ଟ ରବୀନ୍ଦ୍ର ମିଶ୍ର, ହସପିଟାଲ ମ୍ୟାନେଜର ରୂପସୀ ନାୟକ ଉପସ୍ଥିତ ଥିଲେ।

# ଭାଲୁ ଆକ୍ରମଣରେ ଯୁବକ ଆହତ

କୁଡୁମୁଲୁଗୁମ୍ମା,୩ା୭(ଡି.ଏନ.ଏ.)

କୁଡୁମୁଲୁଗୁମ୍ମା ତହସିଲ ଅନ୍ତର୍ଗତ ଜାଙ୍ଗରିଆ ସାହି ନିକଟସ୍ଥ ଚିଲିପଦର ଜଙ୍ଗଲରେ ଭାଲୁ ଆକ୍ରମଣରେ ଜଣେ ଯୁବକ ଆହତ ହୋଇଛନ୍ତି। ସେ ହେଲେ ଗ୍ରାମର ଅର୍ଜୁନ ଛତରଲିଆ। ରବିବାର ସକାଳେ ଅର୍ଜୁନ ଘରପାଇଁ କିଛି ମେଢା କାଠ ସଂଗ୍ରହ ଲାଗି ଚିଲିପଦର ଜଙ୍ଗଲକୁ ଯାଇଥିଲେ। ଏହି ସମୟରେ ତାଙ୍କର ଏକ ଭାଲୁ ସହ ମୁହାଁମୁହିଁ ହୋଇଥିଲା। ଅର୍ଜୁନ କିଛି ଉପାୟ ନ ଧରିଥିବା ଟାଙ୍ଗିଆରେ ଭାଲୁକୁ ଏକ ଶକ୍ତ ପ୍ରହାର କରିଥିଲେ। ଭାଲୁଟି ମଧ ନଖରେ ଅର୍ଜୁନଙ୍କ ମୁହଁ, ଛାତି ଓ ଜଙ୍ଘକୁ ରାମ୍ପୁଡି ଦେଇଥିଲା। ଏଥିରେ ସେ ସାମାନ୍ୟ ଆଘାତ ହୋଇଛନ୍ତି। ଖବରପାଇ ସେଠାରେ ପରିବାର ଲୋକେ ପହଞ୍ଚି ତାଙ୍କୁ ଘଟଣା ସ୍ଥଳରୁ ଉଦ୍ଧାର କରି କୁଡୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଚିକିତ୍ସା ପରେ ଅର୍ଜୁନ ସୁସ୍ଥ ଥିବା ପରିବାର ଲୋକେ କହିଛନ୍ତି।

# ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

ମାଲକାନଗିରି,୩ା୭(ଡି.ଏନ.ଏ.)–

ମାଲକାନଗିରି ଜିଲା ପଡିଆ ବ୍ଲକର ଦୁର୍ଗମ ମାଟେରୁ ପଞ୍ଚାୟତରେ ଶିଶୁ ସୁରକ୍ଷା ସଚେତନତା ନେଇ ପଞ୍ଚାୟତସ୍ତରୀୟ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଞ୍ଚାୟତ ସମ୍ମିଳନୀ କକ୍ଷରେ ସୁପରଭାଇଜରଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ଶିଶୁ ସୁରକ୍ଷା, ବାଲ୍ୟ ବିବାହ, ଶିଶୁ ଶ୍ରମିକ ଓ ଶିଶୁଙ୍କ ଭବିଷ୍ୟତ ଗଠନ ସମ୍ପର୍କରେ ଆଲୋଚନା ହୋଇଥିଲା। ସରପଞ୍ଚ ଲଛମନ ମାଡକାମି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଗ୍ରାମାଞ୍ଚଳରେ ବାଲ୍ୟ ବିବାହ ଓ ଶିଶୁ ଶ୍ରମିକ ନିଷେଧ ପାଇଁ ସମସ୍ତେ ଏକତ୍ରିତ ହେବା ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଉପସ୍ଥିତ ଅତିଥି ଓ ଜନସାଧାରଣ ବାଲ୍ୟବିବାହ ଶିଶୁଶ୍ରମିକ ନିଷେଧ ଲାଗି ଶପଥପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାଟେରୁ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ସୁବ୍ରତ ଗଣପତି, ନାଏବ ସରପଞ୍ଚଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# କୋରାପୁଟ ଜିଲାରେ ୪୭୫.୨ ମିମି ବର୍ଷା

କୋରାପୁଟ,୩ା୭(ସ୍ୱ.ପ୍ର.)

- ବୈପାରିଗୁଡ଼ାରେ ସର୍ବାଧିକ, ସେମିଳିଗୁଡ଼ାରେ ସର୍ବନିମ୍ନ
- ୩ ଜଳଭଣ୍ଡାରରେ ବଢୁଛି ଜଳସ୍ତର

କୋରାପୁଟ ଜିଲାରେ ଲଘୁଚାପଜନିତ ଝିପି ଝିପି ବର୍ଷା ଜାରି ରହିଛି। ରବିବାର ଜିଲାରେ ୪୭୫.୨ ମିମି ବର୍ଷା ହୋଇଛି। ଜିଲାରେ ବୈପାରିଗୁଡା ବ୍ଲକରେ ସର୍ବାଧିକ ୯୩ ମିଲିମିଟର ବର୍ଷା ହୋଇଥିବା ବେଳେ ସେମିଳିଗୁଡାରେ ସର୍ବନିମ୍ନ ୨ମିମି ବର୍ଷା ହୋଇଥିବା ଜିଲା ଜରୁରୀ ଅଧିକାରୀ ଜ୍ଞାନଜିତ ତ୍ରିପାଠୀ ସୂଚନା ଦେଇଛନ୍ତି। ଲମତାପୁଟ ବ୍ଲକରେ ୭୪.୨ ମିମି ବର୍ଷା, ଜୟପୁର ବ୍ଲକରେ ୬୩.୬ ମିମି, କୁନ୍ଦୁରା ବ୍ଲକରେ ୫୮.୪ ମିମି, କୋରାପୁଟ ବ୍ଲକରେ ୧୬.୮ମିମି, କୋଟପାଡ ବ୍ଲକରେ ୫୫ ମିମି, ଲକ୍ଷ୍ମୀପୁର ବ୍ଲକରେ ୩୫.୪ ମିମି, ସେମିଳିଗୁଡା ବ୍ଲକରେ ୨ମିମି, ବୋରିଗୁମ୍ମା ବ୍ଲକରେ ୬.୪ ମିମି, ବନ୍ଧୁଗାଁ ବ୍ଲକରେ ୨୨ ମିମି, ନାରାୟଣପାଟଣା ବ୍ଲକରେ ୨୩.୪ ମିମି, ନନ୍ଦପୁର ବ୍ଲକରେ ୧୫ ମିମି ଓ ଦଶମନ୍ତପୁର ବ୍ଲକରେ ୧୦ ମିମି ବର୍ଷା ହୋଇଥିବା ରେକର୍ଡ କରାଯାଇଛି। ଜିଲାର ପଟ୍ଟାଙ୍ଗୀ ବ୍ଲକରେ ଆଦୌ ବର୍ଷା ହୋଇନାହିଁ। ବର୍ଷା ଯୋଗୁ ଜିଲାର ତେଲେଙ୍ଗିର ଜଳଭଣ୍ଡାରରେ ଜଳସ୍ତର ୬୨୩.୧୦ ମିଟରକୁ ବୃଦ୍ଧି ପାଇଥିବାବେଳେ ଇନ୍ଦ୍ରାବତୀ ଜଳଭଣ୍ଡାରର ଜଳସ୍ତର ୬୩୦.୦୬ ମିଟର ହୋଇଛି। ଅପର କୋଲାବ ଜଳଭଣ୍ଡାରର ଜଳସ୍ତର ୮୪୫.୫୭ ମିଟରକୁ ବୃଦ୍ଧି ପାଇଥିବା ତ୍ରିପାଠୀ କହିଛନ୍ତି।

# ମଲ୍ଲିକେଶ୍ୱର ମନ୍ଦିର ପରିଦର୍ଶନ କରି ଉନ୍ନୟନ କାର୍ଯ୍ୟ ତଦାରଖ କଲେ ଜିଲାପାଳ

ମାଲକାନଗିରି,୩ା୭ (ଡି.ଏନ୍.ଏ.)

ମାଲକାନଗିରି ଜିଲାପାଳ ବିଶାଲ ସିଂ ରବିବାର ସଦର ମହକୁମାସ୍ଥିତ ମଲ୍ଲିକେଶ୍ୱର ପାହାଡ ଉପରେ ଥିବା ମନ୍ଦିର ପରିଦର୍ଶନ କରିଛନ୍ତି। ଏହି ଅବସରରେ ସେ ମନ୍ଦିର କମିଟି ସହ ଆଲୋଚନା କରି ଉନ୍ନୟନ କାର୍ଯ୍ୟ ତଦାରଖ କରିଥିଲେ। ଖୁବ୍‌ଶୀଘ୍ର ଏହାର ଉନ୍ନତିକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ପ୍ରସିଦ୍ଧ ମଲ୍ଲିକେଶ୍ୱର ମନ୍ଦିର ପାହାଡ ଉପରେ ରହିଛି। ପାହାଡ ଉପରକୁ ଦର୍ଶନ ପାଇଁ ଲୋକେ ବହୁ କଷ୍ଟରେ ଯାଉଥିଲେ। ଗତ ୬ ବର୍ଷ ତଳେ ଏହାର ଉନ୍ନତିକରଣ ପାଇଁ ପ୍ରଶାସନ ପକ୍ଷରୁ ୧ କୋଟି ୧୬ ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରି ଏହାର ଉନ୍ନତି କରଣ କରାଯାଇଥିଲା। ବର୍ତ୍ତମାନ ସୁଦ୍ଧା ମଲ୍ଲିକେଶ୍ୱର ପାହାଡ ଉପରକୁ ଯିବା ପାଇଁ ପାହଚ, ପାହାଡ ତଳେ ଛୋଟ ପିଲାଙ୍କ ପାଇଁ ଥିବା ପାର୍କର ଉନ୍ନତିକରଣ କରାଯାଇଛି। ଭକ୍ତଙ୍କ ପାଇଁ ବିଶ୍ରାମାଗାର, ପାହାଡ ତଳେ ଗାଡି ରଖିବା ପାଇଁ ପାର୍କିଂ ସ୍ଥଳ କାର୍ଯ୍ୟ ବାକି ରହିଛି। ମନ୍ଦିର ପରିଚାଳନା କମିଟି ପାହାଡ ଉପରକୁ ଗାଡି ଯିବା ପାଇଁ ସ୍ୱତନ୍ତ୍ର ଭାବେ ରାସ୍ତା ନିର୍ମାଣ କରିବାକୁ ଅନେକ ଥର ପ୍ରଶାସନ ନିକଟରେ ଆବେଦନ କରିଛନ୍ତି। ଏଥିପ୍ରତି ଗୁରୁତ୍ୱାରୋପ କରାଯାଇନାହିଁ ବୋଲି ଆଲୋଚନା ବେଳେ ମନ୍ଦିର କମିଟି ଜିଲାପାଳଙ୍କୁ ଅବଗତ କରାଇଥିଲେ। ସେ ଏ ଦିଗରେ ପଦକ୍ଷେପ ନେବେ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ। ଜିଲାପାଳଙ୍କ ସହ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ଓ ପୌର ପରିଷଦ କର୍ମଚାରୀମାନେ ଉପସ୍ଥିତ ଥିଲେ।



ଜିଲାପାଳ ବିଶାଳ ସିଂ ଉନ୍ନୟନମୂଳକ କାର୍ଯ୍ୟ ତଦାରଖ କରୁଛନ୍ତି।

